# ନିର୍ବାଚନରେ ଦରକାର ହେଲାନି ଲଣ୍ଠନ

ଭଞ୍ଜନଗର,୨୨।୪(ଡି.ଏନ.ଏ)

ପୂର୍ବରୁ ନିର୍ବାଚନ ବେଳେ ମତଦାନ କେନ୍ଦ୍ରରେ କିରୋସିନରେ ଜଳୁଥିବା ଲଣ୍ଠନ ଲାଗୁଥିଲା। ମତଦାତାମାନେ ଲଣ୍ଠନ ପାଖରେ ସେମାନଙ୍କ ମତ ସାବ୍ୟସ୍ତ କରୁଥିଲେ। ଯେଉଁଥିରେ ବହୁ ଅସୁବିଧା ଦେଖାଯାଉଥିଲା। ମାତ୍ର ଚଳିତ ସାଧାରଣ ନିର୍ବାଚନରେ ଏହାକୁ ବାଦ୍ ଦିଆଯାଇ ବ୍ୟାଟେରିରେ ଜଳୁଥିବା ଲଣ୍ଠନ (ଲାଇଟ) ବ୍ୟବସ୍ଥା କରାଯାଉଛି। ତେଣୁ ଆଗକୁ ଆଉ କୌଣସି ନିର୍ବାଚନରେ କିରୋସିନ ଲଣ୍ଠନ ବ୍ୟବହାର କରାଯିବା ଆଶା ନାହିଁ। ତେଣୁ ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ନିର୍ବାଚନ ସେଲ୍ଟର ବାହାରେ ଏହି ଲଣ୍ଠନସବୁ ପଡ଼ିରହିଥିବା ଦେଖାଯାଉଛି। ୧୮ ତାରିଖରେ ଭଞ୍ଜନଗର, ସୋରଡ଼ା ଓ ଆସିକା ନିର୍ବାଚନମଣ୍ଡଳୀରେ ହୋଇଥିବା ମତଦାନ ସମୟରେ କେତେକ ବୁଥ୍‌ରେ ବ୍ୟାଟେରି ଲଣ୍ଠନ ନ ଜଳିବାରୁ ବାରମ୍ବାର ତାହାକୁ ବଦଳାଇବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ସେଥିରେ ଯେତିକି ଆଲୁଅ ହେଉଥିଲା



ଭଞ୍ଜନଗର ନିର୍ବାଚନ କାର୍ଯ୍ୟାଳୟ ବାହାରେ ଲଣ୍ଠନ ପଡ଼ିରହିଛି।

ସେଥିରେ ଇଭିଏମ ସ୍ପଷ୍ଟ ଭାବେ ନ ଦେଖିପାରି କେତେକ ସ୍ଥାନରେ ବୟସ୍କ ଭୋଟରମାନେ ମତଦାନ ସମୟରେ ଦ୍ୱନ୍ଦ୍ୱରେ ପଡ଼ିଥିଲେ।

## ସେମାନେ କୁହନ୍ତି...

ଭବିଷ୍ୟତରେ କିରୋସିନ ଲଣ୍ଠନ ବ୍ୟବହାର ହେବା ଆଶା କମ୍। ଚଳିତ ନିର୍ବାଚନ ପାଇଁ ବ୍ୟାଟେରି ଲଣ୍ଠନ ଆସିଥିଲା ତାହା ବ୍ୟବହାର ହୋଇଛି। କେଉଁ କାରଣରୁ କିରୋସିନ ଲଣ୍ଠନ ବଦଳିଲା ତାହା ଜାଣିନାହୁଁ। ତଥାପି କିରୋସିନ ଅପେକ୍ଷା ବ୍ୟାଟେରି ଲଣ୍ଠନ ବ୍ୟବହାର ସୁବିଧାଜନକ ଓ ସୁରକ୍ଷିତ।

– ରାଜେନ୍ଦ୍ର କୁମାର ମିଞ୍ଜ,
ଉପ ଜିଲାପାଳ

ବ୍ୟାଟେରି ଲଣ୍ଠନରେ କମ୍ ଆଲୁଅ ହେଉଥିବାରୁ ମତଦାନ ବେଳେ ବୟସ୍କଙ୍କ ପାଇଁ କିଛିମାତ୍ରାରେ ସମସ୍ୟା ହେଉଛି। ଭଞ୍ଜନଗର ନିର୍ବାଚନମଣ୍ଡଳୀର ବୁଥ୍ ନଂ ୧୨୮ରେ ମତଦାନ କରିବା ସମୟରେ ଆଲୁଅ କମ୍ ହେବାରୁ ପ୍ରିଜାଇଡ଼ିଂ ଅଫିସର ନିକଟରେ ଅଭିଯୋଗ କରିଥିଲି। ବର୍ତ୍ତମାନ ଇଭିଏମ୍ ବ୍ୟବହାର ସହ ମତଦାନସ୍ଥଳ ଚାରିପାଖେ ପ୍ଲାଷ୍ଟିକ୍ କଭର ଦିଆଯାଉଛି। ମତଦାନ ସମ୍ପର୍କରେ ବାହାକୁ ଜଣାପଡ଼ିବା ସମ୍ଭାବନା କମ। ତେଣୁ ଆଗକୁ ଲଣ୍ଠନର ଆଲୁଅ ବଢ଼ାଇବାର ଆବଶ୍ୟକ।

– ଦଣ୍ଡପାଣି ଶତପଥୀ,
ବରିଷ୍ଠ ନାଗରିକ

ସୁରକ୍ଷା ଦୃଷ୍ଟିରୁ ବ୍ୟାଟେରି ଲଣ୍ଠନ ବ୍ୟବହାର ଭଲ। ନେବା ଆଣିବାରେ ମଧ୍ୟ ସୁବିଧା ହେଉଛି। ମତଦାନ ବେଳେ ଆଲୁଅ କମିଗଲେ ତୁରନ୍ତ ବ୍ୟାଟେରି ବଦଳାଇବା ବ୍ୟବସ୍ଥା ଅଛି। ଭିଭିପିଏଟି ମେସିନ ସମ୍ମୁଖରେ ଆଲୋକ ପଡ଼ିଲେ ପେପର ଆପେ ଆପେ ଖସିପଡ଼ିବା ସମ୍ଭାବନା ରହିଛି। ତେଣୁ ଭିଭିପିଏଟି ସମ୍ମୁଖରେ ଲଣ୍ଠନ ରଖିବାକୁ ବାରଣ କରାଯାଇଛି। ଇଭିଏମ୍ ପାଖରେ ହିଁ ଲଣ୍ଠନ ରଖାଯାଉଛି।

– ଅମୂଲ୍ୟ ଦାସ,
ପ୍ରିଜାଇଡିଂ ଅଫିସର

## ସଂକ୍ଷେପରେ

### ବଢ଼ୁଛି ବାଲି ଚୋରାଚାଲାଣ



ପାଟପୁର,୨୨।୪(ଡି.ଏନ.ଏ.): ସାନଖେମୁଣ୍ଡି ଅଞ୍ଚଳ ଦେଇ ପ୍ରବାହିତ ଘୋଡ଼ାହାଡ଼ ନଦୀରୁ ଶତାଧିକ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ ହେଉଛି। ସରକାରଙ୍କ ସୌରାଟ୍ ନିୟମ ଅନୁଯାୟୀ ଘୋଡ଼ାହାଡ଼ ନଦୀ ଭାଲିଆଝୋଳା ରିଚ୍‌ଟି ଲିଜ୍ ନ ହୋଇଥିବାରୁ ପ୍ରତ୍ୟେକ ଦିନ ଭୋର ୩ଟାରୁ ୫ଟା ପର୍ଯ୍ୟନ୍ତ ଶହ ଶହ ଟ୍ରାକ୍ଟର ବାଲି ଚୋରାଚାଲାଣ ହୋଇ ରାଧାଦେଇପୁର ଅଞ୍ଚଳର ବିଭିନ୍ନ ଜାଗାରେ ବେଆଇନ ଡିପୋ କରାଯାଇ ଲୋକଙ୍କୁ ଚଢ଼ା ଦରରେ ବିକ୍ରି ଚାଲିଛି। ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ଘଟୁଛି। ଏଠାର ବାଲି ମାଫିଆମାନେ ମାଲାମାଲ ହେବାରେ ଲାଗିଛନ୍ତି। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଚୋରାଚାଲାଣ ରୋକିବାକୁ ଦାବି ହେଉଛି।

# ଶ୍ରୀରଘୁନାଥଙ୍କ ନଗର ଭ୍ରମଣ



ଠାକୁରଙ୍କ ନଗରଭ୍ରମଣ ସମୟରେ ପାରମ୍ପରିକ ନୃତ୍ୟ।

ଭଞ୍ଜନଗର,୨୨।୪(ଡି.ଏନ.ଏ.)

ଲଣ୍ଡେଇସାହି ରଘୁନାଥ ମନ୍ଦିର ପକ୍ଷରୁ ରାମ ନବମୀ ଅବସରରେ ଠାକୁରଙ୍କ ନଗର ଭ୍ରମଣ କାର୍ଯ୍ୟକ୍ରମ ଚାଲିଛି। ରବିବାର ସନ୍ଧ୍ୟାରେ ମନ୍ଦିରରୁ ଠାକୁର ପୂର୍ବମୁଖା ହୋଇ ବାହାରିବା ପରେ ଛେଦାଭୂମି ରୋଡ଼, ଲଣ୍ଡେଇସାହି ମୁଖ୍ୟରାସ୍ତା, ଆଦେନୀ କଲୋନୀ ଆଦି ଅଞ୍ଚଳ ପରିକ୍ରମା କରି ରାତିରେ ମନ୍ଦିର ବେଢ଼ାରେ ରହିଛନ୍ତି। ନଗର ଭ୍ରମଣ ବେଳେ ପାରମ୍ପାରିକ ପଶୁମୁଖା ନୃତ୍ୟ ସହ ଘଣ୍ଟ, ମୃଦଙ୍ଗ ଶବ୍ଦରେ ଅଞ୍ଚଳ କମ୍ପୁଛି। ବୁଧବାର ଯାତ୍ରା ଉଦ୍‌ଯାପିତ ହେବ। ଉକ୍ତଦିନ ପ୍ରହଲ୍ଲାଦ ନାଟକ ପରିବେଷଣ ହେବ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ରଘୁବୀର ସାଂସ୍କୃତିକ ପରିଷଦ ସଭାପତି ଗଫୁର ପ୍ରଧାନ, ସମ୍ପାଦକ ସୀମାଞ୍ଚଳ ଗୌଡ଼, ଉପ ସଭାପତି ଅନୁପମ ବାନାର୍ଜି, କୋଷାଧକ୍ଷ ବସନ୍ତ ପଣ୍ଡା, ଗରିବ ସ୍ୱାଇଁ, ନବୀନ ସାହୁ, ଶୁକଦେବ ବେହେରା, ରବୀନ୍ଦ୍ର ପାଣିଗ୍ରାହୀ, କୃତୀବାସ ବିଶ୍ୱାଳ, ଶିବରାମ ପଣ୍ଡା,ବନମାଳୀ ମିଶ୍ର ସହଯୋଗ କରୁଛନ୍ତି।

# ନଦୀରେ ବୁଡ଼ି ଯୁବକ ମୃତ



ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି।

ଦିଗପହଣ୍ଡି/ଚିକିଟି, ୨୨।୪(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ପଞ୍ଚାୟତ ବଜ୍ରଗୁମ୍ଫା ଗ୍ରାମ ବହୁଦା ନଦୀ ଗଣ୍ଡରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜରଡ଼ା ଥାନା ସୁରଙ୍ଗୀ ନିକଟ ସୁମାଣ୍ଡି ଗ୍ରାମର ନିରାକାର ଗୌଡ଼। ସୋମବାର ସକାଳ ପ୍ରାୟ ୭ଟାରେ ସେ ତାଙ୍କ ଶ୍ୱଶୁର ଘର ଗାଁ ବଜ୍ରଗୁମ୍ଫା ଆସିଥିଲେ। ନଦୀ ଗଣ୍ଡକୁ ଗାଧୋଇବା ପାଇଁ ଯାଇ ଅସାବଧାନତା କାରଣରୁ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ନଦୀରେ ଗାଧୋଉଥିବା କେତେକ ବ୍ୟକ୍ତି ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ ସଦଳବଳ ପହଞ୍ଚି ନିରାକାରଙ୍କୁ ଉଦ୍ଧାର ପାଇଁ ସମସ୍ତ ଚେଷ୍ଟା କରିବା ସତ୍ତ୍ୱେ ତାଙ୍କ ସନ୍ଧାନ ମିଳି ନ ଥିଲା। ପରେ ଛତ୍ରପୁରସ୍ଥିତ ଓଡ୍ରାଫ୍ ଟିମକୁ ଖବର ଦିଆଯାଇଥିଲା। ଅପରାହ୍ଣରେ ଓଡ୍ରାଫ୍ ଟିମ ସଦସ୍ୟ ଓ ଅଗ୍ନିଶମ ବାହିନୀର ବୁଡ଼ାଳୀମାନେ ଆସି ଦୀର୍ଘ ୧୦ ଘଣ୍ଟାର ଅପରେଶନ ପରେ ସନ୍ଧ୍ୟା ସାଢ଼େ ୫ଟାରେ ପ୍ରାୟ ୪୦ ଫୁଟ ଗଭୀର ପାଣିରୁ ନିରାକାରଙ୍କ ମୃତଦେହକୁ ଉଦ୍ଧାର କରିଥିଲେ।

ବଜ୍ରଗୁମ୍ଫା ଗାଁ ସମେତ ଆଖପାଖ ଗ୍ରାମବାସୀ ଅଗ୍ନିଶମ କର୍ମଚାରୀଙ୍କୁ ସହାୟତା କରିଥିଲେ। ଏ ନେଇ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଏଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବେହେରା ନଂ. ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛନ୍ତି।

### ନିଖୋଜ ଯୁବତିଙ୍କ ମୃତଦେହ ଉଦ୍ଧାର ଘଟଣା

# ଜରଡ଼ା ଥାନାରେ ପୁଣେ ପୋଲିସ

ପାତ୍ରପୁର,୨୨।୪(ଡି.ଏନ୍.ଏ.)

ପୁଣେ ସହରର ଓଡ଼ିଆ ଯୁବତୀ ପ୍ରିୟଙ୍କା ପ୍ରଧାନଙ୍କ ହତ୍ୟା ଘଟଣାରେ ଜରଡ଼ା ଥାନାରେ ଅଟକ ଥିବା ଜଣେ ଯୁବକଙ୍କୁ ନେବା ପାଇଁ ସୋମବାର ପୁଣେର ଶିଖରପୁରା ପୋଲିସ ପହଞ୍ଚିଛି। ସବ୍‌ଇନ୍ସପେକ୍ଟର ନିଲଙ୍ଗ ଏକର ଓ କନଷ୍ଟେବଳ ନାଗର ଭୁଜେ ଜରଡ଼ା ଥାନାରେ ପହଞ୍ଚି ଉକ୍ତ ଯୁବକଙ୍କୁ ପାତ୍ରପୁର ମାଜିଷ୍ଟ୍ରେଟଙ୍କ ପାଖକୁ ନେଇ ବୟାନ ରେକର୍ଡ଼ କରିଥିଲେ। ପରେ ଜରଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ପରୀକ୍ଷା କରି ଅଧିକା ତଦନ୍ତ ପାଇଁ ପୁଣେ ନେଇଛନ୍ତି। ତଦନ୍ତ ପରେ ପ୍ରିୟଙ୍କା ମୃତ୍ୟୁର ରହସ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଆନ୍ଧ୍ରର ମହାଦେଇପୁର ଗ୍ରାମରେ ବିବାହ କରିଥିବା କେ. ନୂଆଗାଁ ଫାଣ୍ଡି ବିରସିଂହଲକ୍ଷ୍ମୀନାରାୟଣ ପୁର ଗାଁର ପ୍ରିୟଙ୍କା ମାର୍ଚ୍ଚ ୧୧ ତାରିଖରେ ମାମୁ ଘର ଦେସାରୀ ଗ୍ରାମରୁ ସାମନ୍ତିଆପଲ୍ଲୀ ଭରତ ପତି କଲେଜକୁ ପରୀକ୍ଷା ଦେବାକୁ ଆସି ନିଖୋଜ ହୋଇଯାଇଥିଲେ। ଶନିବାର ପୁଣେର ଏକ ବନ୍ଦ କୋଠରିରୁ ତାଙ୍କ ମୃତଦେହ ପୁଣେ ପୋଲିସ ଉଦ୍ଧାର କରି ଜରଡ଼ା ଥାନା ଓ ପରିବାରକୁ ଖବର ଦେଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ ଜଣେ ଯୁବକଙ୍କୁ ରବିବାର ଜରଡ଼ା ଥାନାକୁ ନେଇ ଅଟକ ରଖିଥିଲେ।

# ବଳାତ୍କାର ଉଦ୍ୟମ ଅଭିଯୋଗ, ଯୁବକ ଗିରଫ

**ହିଞ୍ଜିଳିକାଟୁ,୨୨।୪(ଡି.ଏନ୍.ଏ.) :** ହିଞ୍ଜିଳି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରି ଫେରାର ଥିବା ଜଣେ ଯୁବକଙ୍କୁ ସୋମବାର ବ୍ରହ୍ମପୁର ଲୋଚାପଡ଼ାରୁ ପୋଲିସ ଗିରଫ କରିଛି। ସେ ହେଲେ ହିଞ୍ଜିଳି ଥାନା ନିମିଗାଁର ବଳିଆ ଦାସ। ଗୁରୁବାର ଅପରାହ୍ଣରେ ଯୁବତୀଙ୍କୁ ବଳିଆ ଅଶ୍ଳୀଳ ଇଙ୍ଗିତ ସହ ବଳତ୍କାର ଉଦ୍ୟମ କରିଥିଲେ। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଥିଲା। ନଂ.୯୯/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ସେବେଠାରୁ ଅଭିଯୁକ୍ତ ଫେରାର ଥିଲେ। ସୋମବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ବନ୍ଧୁକ ଦେଖାଇ ଧମକ ଦେବା ଅଭିଯୋଗ

# ଭାଜପା ବିଧାୟକ ପ୍ରାର୍ଥୀ, ସହଯୋଗୀଙ୍କ ନାମରେ ମାମଲା

ଗୋପାଳପୁର,୨୨।୪

ରାଜନୀତିକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ବନ୍ଧୁକ ଦେଖାଇ ଧମକ ଦେବା ଅଭିଯୋଗରେ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଓ ତାଙ୍କ ସହଯୋଗୀଙ୍କ ନାମରେ ଗୋଳନ୍ଥରା ଥାନାରେ ମାମଲା ରୁଜୁ ହୋଇଛି। ଗତ ୧୯ ତାରିଖ ରାତିରେ ୧୮ ନଂ. ଜୋନ ଜିଲା ପରିଷଦ ସଭ୍ୟ ଗୋବିନ୍ଦ ବେହେରାଙ୍କ ବାପା ଜୀବନ ବେହେରା ଓ ତାଙ୍କ ସାଙ୍ଗ ଶଙ୍କର ବେହେରା ବାଇକ ଯୋଗେ ଘରକୁ ଫେରୁଥିଲେ। ଝାଟିପଦର ଗ୍ରାମ କେନାଲ ନିକଟରେ ସେମାନଙ୍କୁ ଭାଜପାର ଚିକିଟି ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରା ଓ ତାଙ୍କ ସହଯୋଗୀମାନେ ଅଟକାଇ ଭୋଟକୁ ନେଇ ଯୁକ୍ତିତର୍କ କରିଥିଲେ। ପରେ ସେମାନେ ବନ୍ଧୁକ ଦେଖାଇ ଧମକ ଦେବା ସହ ନିସ୍ଥୁକ ମାଡ ମାରିଥିଲେ ବୋଲି ଜୀବନ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୧/୧୯ରେ ଏକ ମାମଲା ରୁଜୁ କର ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବାବୁଲି ନାୟକ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ପ୍ରାର୍ଥୀ ମନୋରଞ୍ଜନଙ୍କୁ ଏ ସମ୍ପର୍କରେ ପଚାରିବାରୁ, ୧୯ରେ ମୁଁ ଉକ୍ତ ଅଞ୍ଚଳରେ ନଥିଲି। ପ୍ରଚାର କାର୍ଯ୍ୟ ପାଇଁ ମହଙ୍ଗା ନିର୍ବାଚନ ମଣ୍ଡଳୀକୁ ଯାଇଥିଲି। ମୋ ବିରୋଧରେ ମିଥ୍ୟା ମାମଲା ରୁଜୁ କରାଯାଇଛି। ୧୮ରେ ଭାଜପା ସମର୍ଥକଙ୍କୁ ଜିଲା ପରିଷଦ ସଭ୍ୟ ବେହେରା ଓ ତାଙ୍କ ସହଯୋଗୀ ଆକ୍ରମଣ କରିଥିଲେ। ଗିରଫରୁ ବଞ୍ଚିବା ପାଇଁ ସେମାନେ ଏପରି ମିଥ୍ୟା ଅଭିଯୋଗ ଆଣିଥିବା ମନୋରଞ୍ଜନ କହିଛନ୍ତି।


CLASSIFIED DISPLAY















## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଘଟଣା, ଅଭିଯୁକ୍ତ କୋର୍ଟଚାଲାଣ

ପୋଲସରା,୨୨।୪(ଡି.ଏନ.ଏ.)- ପୋଲସରା ଥାନା ଅଞ୍ଚଳରେ ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଯୁବକଙ୍କୁ ପୋଲିସ ରବିବାର ଗିରଫ କରିଛି । ସେ ହେଲେ ଜିତେନ୍ଦ୍ର ନାହାକ। ସୋମବାର ତାଙ୍କର ଡାକ୍ତରୀ ମାଇନା ପରେ ପରେ କୋଦଳା କୋର୍ଟକୁ ପଠାଯାଇଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ମେରୁଯାତ୍ରା ଦିନ ନାବାଳିକାଙ୍କୁ ଆଇସକ୍ରିମ୍ ଖୁଆଇବା ବାହାନାରେ ଡ଼ାକି ନେଇ ବଳାତ୍କାର କରିବା ସହ ମୋବାଇଲ ଫୋନରେ ଫଟୋ ଉଠାଇଥିଲେ । ଏ ନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ନଂ. ୮୬/୧୯ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ।

### ନାବାଳିକାଙ୍କୁ ବ୍ଲାକ୍‌ମେଲିଂ ଅଭିଯୋଗ, ଜଣେ ଗିରଫ

ବୁଗୁଡ଼ା, ୨୨।୪ (ଡି.ଏନ.ଏ.)-ବୁଗୁଡ଼ା ଥାନା ଅଞ୍ଚଳରେ ଜନୈକା ୧୫ ବର୍ଷର ନାବାଳିକାଙ୍କୁ ବ୍ଲାକମେଲିଂ ତଥା ହଇରାଣ ହରକତ କରୁଥିବା ଅଭିଯୋଗରେ ବୁଗୁଡ଼ା ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସେ ହେଲେ କବିରାଜ ରାଉତ। ନାବାଳିକାଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୭୨/୧୯ରେ ଏକ ମାମଲା ରୁଜୁ ହୋଇଥିଲା । ନାବାଳିକାଙ୍କ ଅଭିଯୋଗ ଅନୁଯାୟୀ, ପ୍ରାୟ ଦୁଇ ମାସ ତଳେ କବିରାଜ ତାଙ୍କ ଘରକୁ ଡ଼ାକି ନିଶା ବିସ୍କୁଟ ଦେଇ ଫଟୋ ଉଠାଇ ବ୍ଲାକମେଲିଂ କରି ଆସୁଥିଲେ। ଶେଷରେ ଏନେଇ ନାବାଳିକା ଜଣଙ୍କ ଶୁକ୍ରବାର ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ।

### ମା' ଅମ୍ବିକା ସାହିତ୍ୟ ସଂସଦର ବିଷୁବ ଆସର

ଖଇରା, ୨୨।୪(ଡି.ଏନ.ଏ.)-ମା' ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଷୁବ କବିତା ଆସର ରବିବାର କୁପାରୀ ଅମ୍ବିକା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବସନ୍ତ କୁମାର ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷକ ଅନନ୍ତ କିଶୋର ଉପାଧ୍ୟାୟ ଯୋଗଦେଇଥିଲେ। ଓଡ଼ିଶା ପରମ୍ପରାରେ ବିଷୁବ ସଂକ୍ରାନ୍ତି ଓ ବୈଶାଖ ମାସ ପ୍ରତ୍ୟେକ ଓଡ଼ିଆ ପାଇଁ ସ୍ୱତନ୍ତ୍ରତା ରଖେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ବାବା ଶୁଭେନ୍ଦ୍ର ମୁନି ଉଦାସୀନ ଏହାକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଡା. ଉମେଶ ଚନ୍ଦ୍ର ମହାନ୍ତି ବିବରଣୀ ପାଠ କରିଥିଲେ। ଜଗନ୍ନାଥ ମହାପାତ୍ର କବିତାର ସମୀକ୍ଷା କରିଥିଲେ। ମହେଶ୍ୱର ମହାପାତ୍ର, ନିରଞ୍ଜନ ଦାସ, ଶରତ କୁମାର ଜେନା, ଅର୍ଜୁନ ଚରଣ ମହାରଣା, ଶଶାଙ୍କ ଶେଖର ମହାନ୍ତି ସହଯୋଗ କରିଥିଲେ।

### ଖଣ୍ଡା ଚୋଟରେ ଯୁବକ ଗୁରୁତର

ଦିଗପହଣ୍ଡି,୨୨।୪(ଡି.ଏନ.ଏ.)-ଦିଗପହଣ୍ଡି ଥାନା ରାଜପୁର ବିଦ୍ୟାଳୟ ସମ୍ମୁଖରେ ସୋମବାର ଜଣେ ଯୁବକ ଖଣ୍ଡା ଚୋଟରେ ଗୁରୁତର ହୋଇଛନ୍ତି। ସେ ହେଲେ ରାଜପୁର ଗାଁର ଜିତେନ ସ୍ୱାଇଁ। ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଜିତେନଙ୍କୁ ଆକ୍ରମଣ କରାଯାଇଥିବା ପୋଲିସର ପ୍ରାରମ୍ଭିକ ତଦନ୍ତରୁ ସୂଚନା ମିଳିଥିବା ଥାନା ଏସ୍‌ଆଇ ମାଧବ ଚନ୍ଦ୍ର ଟାକରି କହିଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ଏତଲା ଦାଏର ହୋଇ ନ ଥିବା ସେ କହିଛନ୍ତି। ଅପରାହ୍ଣ ପ୍ରାୟ ୨ଟାରେ ଜିତେନ ଘରେ ଥିବା ବେଳେ ତାଙ୍କ ମୋବାଇଲ ଫୋନକୁ କଲ ଆସିଥିଲା। ତାଙ୍କୁ ବିଦ୍ୟାଳୟ ପାଖକୁ ଆସିବା ପାଇଁ କୁହାଯାଇଥିଲା। ଜିତେନ ସେଠାରେ ପହଞ୍ଚିବା ପରେ ଉକ୍ତ ଗ୍ରାମର ଦୁଇ ଭାଇ ତାଙ୍କୁ ଖଣ୍ଡାରେ ଆକ୍ରମଣ କରି ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ଜିତେନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସେ ବିପଦମୁକ୍ତ ଥିବା ଡା. ସୁପ୍ରଭା ସାହୁ କହିଛନ୍ତି।

### ତାଳସରରୁ ବାଇକ୍ ଚୋରି

ବେଗୁନିଆପଡ଼ା, ୨୨।୪(ଡି.ଏନ୍.ଏ.) ବେଗୁନିଆପଡ଼ା ଫାଣ୍ଡି ତାଳସର୍ ଗ୍ରାମର ମଝି ଦାଣ୍ଡ ସାହିରୁ ରବିବାର ବିଳମ୍ବିତ ରାତିରେ ଏକ ବାଇକ୍ ଚୋରି ହୋଇଯାଇଛି । ଉକ୍ତ ସାହିର ମହେନ୍ଦ୍ର ନାହକ ତାଙ୍କ ବାଇକ୍ (ନଂ- ଓଡି ୦୭ ଜେ ୩୪୨୩)କୁ ଘର ଆଗରେ ରଖି ଶୋଇଥିଲେ । ଭୋର ୪ ଟାରେ ଉଠି ଦେଖିଲା ବେଳକୁ ସେଠାରେ ବାଇକ୍ ନ ଥିଲା। ତେଣୁ ସେ ବହୁ ଖୋଜା ଖୋଜି କରିଥିଲେ କିନ୍ତୁ ବାଇକ୍ ନ ମିଳିବାରୁ ପରେ ମହେନ୍ଦ୍ର କୋଦଳା ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି।

# ୧,୮୧୦ ଜଣଙ୍କୁ ଫେରସ୍ତ ମିଳିବ ଜମା ଟଙ୍କା

## ଛତ୍ରପୁର ସମବାୟ ବ୍ୟାଙ୍କ

ଛତ୍ରପୁର,୨୨।୪(ଡି.ନ.ଏ)

ଛତ୍ରପୁର ସମବାୟ ବ୍ୟାଙ୍କ ପକ୍ଷରୁ ଆଉ ୧,୮୧୦ ଜମାକାରୀଙ୍କୁ ସେମାନଙ୍କ ଜମା ଅର୍ଥ ଫେରସ୍ତ କରାଯିବ । ଜମାକାରୀଙ୍କ ଜମା ଅର୍ଥରୁ ୧୮ ଲକ୍ଷ ୧୧ ହଜାର ଟଙ୍କା ଫେରସ୍ତ କରାଯିବ ବୋଲି ଜଣାପଡିଛି । ଛତ୍ରପୁର ସମବାୟ ବ୍ୟାଙ୍କରୁ ଋଣ ନେଇ ବହୁ ଲୋକେ ପୈଠ କରି ନ ଥିବାରୁ ବ୍ୟାଙ୍କ ଏକପ୍ରକାର ଦେବାଳିଆ ହୋଇଯାଇଥିଲା । ଏହାର କାରବାର ଉପରେ ଆରବିଆଇ ପ୍ରତିବନ୍ଧକ ଲଗାଇଥିଲା। ଫଳରେ ଜମାକାରୀମାନେ ସେମାନଙ୍କ ଜମା ଟଙ୍କା ପାଇପାରୁ ନ ଥିଲେ । ଏହାପରେ କେତେକ ପଦକ୍ଷେପ ନିଆଯିବାରୁ ୨୦୧୮ ଜାନୁୟାରୀ ୨୦ରେ ଜମାକାରୀମାନଙ୍କୁ ସେମାନଙ୍କ ଜମା ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫେରସ୍ତ ଦିଆଯିବା ଆରମ୍ଭ ହୋଇଥିଲା। ତତ୍କାଳୀନ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଛତ୍ରପୁର ସମବାୟ ବ୍ୟାଙ୍କକୁ ଆସି ଜମାକାରୀମାନଙ୍କୁ ସେମାନଙ୍କ ଜମା ଟଙ୍କା ବଣ୍ଟନ ଆରମ୍ଭ କରିଥିଲେ। ଏହାପରଠାରୁ ଜମା ମଧ୍ୟରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ଟଙ୍କା ଜମାକାରୀମାନଙ୍କୁ ଫେରସ୍ତ କରାଯାଉଛି। ୧ ଲକ୍ଷ ଟଙ୍କାରୁ କମ୍ ଜମା ଥିବା ଜମାକାରୀ ସଂଖ୍ୟା ଅଧିକ ଥିବା ଜଣାପଡିଛି । ୧ ଲକ୍ଷରୁ ଉର୍ଦ୍ଧ୍ୱ ଜମା ଥିବା ଜମାକାରୀଙ୍କୁ କେବଳ ୧ ଲକ୍ଷ ଟଙ୍କା ଜମା ଅର୍ଥ ଫେରସ୍ତ କରାଯାଉଛି। ବଳକା ଅର୍ଥ ପରେ ଫେରସ୍ତ କରାଯିବ ବୋଲି ସୂଚନା ମିଳିଛି । ସୋମବାର ୭ ଜମାକାରୀଙ୍କୁ ତାଙ୍କ ଜମା ବାବଦ ଟଙ୍କା ମଧ୍ୟରୁ ୪୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ତେବେ ଏ ପର୍ଯ୍ୟନ୍ତ ବ୍ୟାଙ୍କ ପକ୍ଷରୁ ୪୯୫ ଜଣ ଜମାକାରୀଙ୍କୁ ୮୫ ଲକ୍ଷ ୭୪ ହଜାର ଟଙ୍କା ଜମା ଅର୍ଥ ଫେରସ୍ତ କରାଯାଇଛି। ଆହୁରି ୧,୮୧୦ ଜଣଙ୍କୁ ଜମା ଟଙ୍କା ଫେରସ୍ତ କରାଯିବ। ଏଥିପାଇଁ ଆବଶ୍ୟକୀୟ ଜମାଖାତା, ଆଧାର କାର୍ଡ ଓ ଅନ୍ୟ ବ୍ୟାଙ୍କ ଜମା ଖାତାର ବିବରଣୀ ଦାଖଲ କରି ଜମାକାରୀ ସେମାନଙ୍କ ଟଙ୍କା ଫେରସ୍ତ ପାଇପାରିବେ । ଏ ନେଇ ନୋଟିସ୍ କରାଯିବ ବୋଲି ଛତ୍ରପୁର ମଣ୍ଡଳ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଆର୍ ଚନ୍ଦ୍ରଶେଖର ରେଡ୍ଡୀ କହିଛନ୍ତି। ଋଣ ଖିଲାପିମାନଙ୍କଠାରୁ ଅର୍ଥ ଆଦାୟ କରି ଜମାକାରୀ ମାନଙ୍କୁ ସେମାନଙ୍କ ଜମା ଟଙ୍କା ଫେରସ୍ତ କରାଯାଉଛି । ୧,୮୧୦ ଜଣଙ୍କୁ ଜମା ଅର୍ଥ ଫେରସ୍ତ ପରେ ମଧ୍ୟ ଆହୁରି ୨୯ ଜଣଙ୍କୁ ସେମାନଙ୍କ ଜମା ବାବଦରେ ୨୯ ଲକ୍ଷ ୧୪ ହଜାର ଟଙ୍କା ଫେରସ୍ତ କରିବାକୁ ବାକି ରହିବ । ସେମାନଙ୍କୁ ମଧ୍ୟ ଜମା ଅର୍ଥ ଫେରସ୍ତ କରାଯିବ । ବ୍ୟାଙ୍କର ଥିବା ମାର୍କେଟ କମ୍ପ୍ଲେକ୍ସର ଇ-ଅକ୍ସନ ସହ ଋଣ ଖିଲାପିମାନଙ୍କ ଠାରୁ ବକେୟା ଅର୍ଥ ଆଦାୟ ପାଇଁ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ଜଣାଯାଇଛି।

## କାଳବୈଶାଖୀରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ



କାଳ ବୈଶାଖୀରେ ଭାଙ୍ଗି ଯାଇଥିବା ଗଛ ।

ବେଗୁନିଆପଡା, ୨୨।୪(ଡି.ଏନ୍.ଏ.)

କୋଦଳା ଓ ବେଗୁନିଆପଡା ଅଞ୍ଚଳରେ ସୋମବାର ଅପରାହ୍ଣରେ କାଳ ବୈଶାଖୀ ଯୋଗୁ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ପବନ ହୋଇଛି। ଏହାର ପ୍ରଭାବରେ ଗ୍ରାମରେ ଅନେକ ଚାଳଛପର ଉଡ଼ିଯିବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରାୟ ୨ ଘଣ୍ଟା ଧରି କାଳ ବୈଶାଖୀ ଲାଗିରହିଥିଲା। ଫଳରେ ଗଛ ପଡିଯାଇ ଯାତାୟାତ ବାଧାପ୍ରାପ୍ତ ହେବା ସହ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି । ଖବର ଲେଖାବେଳକୁ ବିଦ୍ୟୁତ ଆସି ନ ଥିବା ପ୍ରକାଶ ।



ଆନ୍ଧ୍ରପ୍ରଦେଶରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ତେଲ ଟ୍ୟାଙ୍କର ରବିବାର ମଧ୍ୟ ରାତିରେ ଭାରସାମ୍ୟ ହରାଇ ଛତ୍ରପୁର ଡିଆରଡିଏ ଛକ ନିକଟ ଜାତୀୟ ରାଜପଥରେ ଓଲଟି ପଡିଥିଲା । ଏଥିରେ କାହାରି କିଛି କ୍ଷତି ହୋଇନି ।

## କଂଗ୍ରେସର ବାଇକ୍ ଶୋଭାଯାତ୍ରା
## ଭୋଟ୍ ଭିକ୍ଷା କଲେ ପ୍ରାର୍ଥୀ

ରୂପ୍‌ସା,୨୨।୪(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କସିପଦା, ଆଙ୍କୋ ଓ ରୂପ୍‌ସା ପଞ୍ଚାୟତରେ ସୋମବାର କଂଗ୍ରେସ ତରଫରୁ ପ୍ରଚାର କରାଯାଇଛି। ରୂପ୍‌ସା ବସ୍‌ଷ୍ଟାଣ୍ଡଠାରୁ ଏକ ବାଇକ୍ ରାଲିରେ ଶତାଧିକ କର୍ମୀ ଓ ସମର୍ଥକଙ୍କ ସହ ବିଧାୟକ ପ୍ରାର୍ଥୀ ମାନସ ଦାସପଟ୍ଟନାୟକ ପ୍ରତି ଗାଁରେ ପରିକ୍ରମା କରି ଭୋଟଭିକ୍ଷା କରିଛନ୍ତି। ଆସନ୍ତା ୨୯ତାରିଖରେ ହେବାକୁ ଥିବା ନିର୍ବାଚନରେ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟ୍ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ବସ୍‌ଷ୍ଟାଣ୍ଡ, କସିପଦା, ପୋଡ଼ାଡ଼ିହା, ଷ୍ଟେସନବଜାର, ଆଙ୍କୋ, ଆଘିରିଆ, ପିଞ୍ଛାବଣିଆ ଆଦି ଗାଁ ପରିକ୍ରମା କରି ଶୋଭାଯାତ୍ରା ପାଟପୁର ବଜାର ପହଞ୍ଚିଥିଲା । ଜୋନ୍ ସଭାପତି ଜୟକୃଷ୍ଣ ଗିରି, କସିପଦା ପଞ୍ଚାୟତ ସଭାପତି ମନୋରଞ୍ଜନ ନାୟକ, ସରପଞ୍ଚ ପ୍ରତାପ ଚନ୍ଦ୍ର ଦଳାଇ, ସମିତିସଭ୍ୟ ଭୀମ ବର, ପ୍ରାକ୍ତନ ସରପଞ୍ଚ ମାୟାଧର ଜେନା, ଯୁବନେତା ସହଦେବ ବେହେରା, ଅଶ୍ୱିନୀ ପ୍ରଧାନ ଓ ଜଳଧର ବେହେରା ପ୍ରମୁଖ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

## ରୌଦ୍ରତାପ ମୁକାବିଲା ଚିନ୍ତା
## ବସ୍‌ରେ ରହିବ ପାଣି, ଓଆରଏସ୍ ପ୍ୟାକେଟ୍

ଛତ୍ରପୁର,୨୨।୪(ଡି.ନ.ଏ)

ଗଞ୍ଜାମ ଜିଲାରେ ରୌଦ୍ରତାପ ମୁକାବିଲା ପାଇଁ ଜିଲାସ୍ତରରେ ଏକ ବୈଠକ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନେବାକୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ରୌଦ୍ର ମୁକାବିଲା ପାଇଁ ଅନ୍ୟ କ'ଣ ସବୁ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଗଞ୍ଜାମ ଜିଲାପାଳ ତଥା ଜିଲା ସଡକ ସୁରକ୍ଷା କମିଟିର ଅଧକ୍ଷ ଓ ଗଞ୍ଜାମ ଆରଟିଓଙ୍କ ନିକଟକୁ ଆସିଛି । ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ପ୍ରେମାନନ୍ଦ ଖୁଣ୍ଟିଆଙ୍କ ଠାରୁ ଏହି ନିର୍ଦ୍ଦେଶନାମା ଆସିଛି । ପ୍ରତି ବସରେ ଯାତ୍ରୀମାନଙ୍କ ପାଇଁ ପିଇବା ପାଣି, ଓଆରଏସ ପ୍ୟାକେଟ୍ ରଖାଯିବା ଏହାର ନିୟମିତ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ବସଷ୍ଟାଣ୍ଡରେ ଯାତ୍ରୀ ମାନଙ୍କ ପାଇଁ ଭଲ ଆଶ୍ରୟର ବ୍ୟବସ୍ଥା କରିବାକୁ କୁହାଯାଇଛି। ବସ୍‌ରେ ଯେଭଳି ଅଧିକ ଯାତ୍ରୀ ପରିବହନ କରା ନ ଯିବ ସେ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ରହିଛି । ପ୍ରତି ବସଷ୍ଟାଣ୍ଡ ଓ ବସ୍ ଷ୍ଟପ୍‌ରେ ଜଳଛତ୍ର, ଆବଶ୍ୟକ ପଡିଲେ ଅସ୍ଥାୟୀ ଆଶ୍ରୟସ୍ଥଳୀ ସହ ପାଣିର ବ୍ୟବସ୍ଥା, ଜାତୀୟ ରାଜପଥର ବିଭିନ୍ନ ଛକରେ ପାଣିର ବ୍ୟବସ୍ଥା, ପୂର୍ବାହ୍ଣ ୧୧ ଟାରୁ ୩ ଟା ପର୍ଯ୍ୟନ୍ତ ବସ୍ ଚଳାଚଳ ଉପରେ କଟକଣା ଜାରି କରିବା, ଜିଲାସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲିବା, ବସ୍ ଓ ଟ୍ରକ୍ ଆସୋସିଏଶନ, ଏନଜିଓ ଦ୍ୱାରା ଲୋକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଏବଂ ନିୟମିତ ବୈଠକ କରି ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ଏଥିସହ ଏହି ସବୁ ବ୍ୟବସ୍ଥା ଅଛି କି ନାହିଁ ସେନେଇ ନିୟମିତ ଯାଞ୍ଚ କରି ଖିଲାପିଙ୍କ ଠାରୁ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରୌଦ୍ରତାପର ମୁକାବିଲା ପାଇଁ କଣ ସବୁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ବିଭାଗକୁ ଅବଗତ କରିବାକୁ କୁହାଯାଇଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଭିଭାବକ ବୈଠକ

ରାମଗିରି,୨୨।୪

ଛେଳିଗଡ଼ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଭିଭାବକମାନଙ୍କ ଜରୁରୀ ବୈଠକ ରବିବାର ଅଭିଭାବକ ଶିକ୍ଷକ କମିଟିର ସଦସ୍ୟ ଦେବରାଜ ସୁବୁଦ୍ଧିଙ୍କ ଆବାହକତ୍ୱରେ ଛେଳିଗଡ଼ ହାଟପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟରେ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପାଇଁ ସରକାରଙ୍କଠାରୁ କୌଣସି ନିର୍ଦ୍ଦେଶନାମା ଏଯାବତ୍ ଆସିନଥିବା ନେଇ ବୈଠକରେ ମୁଖ୍ୟ ଆଲୋଚନା ହୋଇଥିଲା। ୨୦୧୫-୧୬ ଶିକ୍ଷାବର୍ଷରେ ଏହି ଅଞ୍ଚଳରେ ଉନ୍ନତମାନର ଶିକ୍ଷା ପ୍ରଦାନ କରିବା ପାଇଁ ତତ୍କାଳୀନ ଶିକ୍ଷାମନ୍ତ୍ରୀ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଉକ୍ତ ଅଞ୍ଚଳ ଏକ ଆଦିବାସୀ ଅଧୁଷିତ ହୋଇଥିବାରୁ ଏଠାରେ ଗମନାଗମନ ଓ ଉଚ୍ଚଶିକ୍ଷା ପାଇଁ ପର୍ଯ୍ୟାପ୍ତ ସୁଯୋଗ ନାହିଁ। ବ୍ଲକରେ ଯେଉଁ ଦୁଇଟି ଜୁନିୟର କଲେଜ ରହିଛି ସେଥିରେ କଳା ବ୍ୟତୀତ ବିଜ୍ଞାନ ଓ ବାଣିଜ୍ୟରେ ନାମ ଲେଖା ହୁଏ ନାହିଁ। ତେଣୁ ଏହାର ଆଶୁ ସମାଧାନ ପାଇଁ ଗଜପତି ଜିଲାପାଳ, ଜିଲା ଶିକ୍ଷାଧିକାରୀ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ନିର୍ଦ୍ଦେଶକ ଭୁବନେଶ୍ୱରକୁ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହ ବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ ନିଯୁକ୍ତି, ବିଷୟଗତ ଶିକ୍ଷକ ନିଯୁକ୍ତି, ଛାତ୍ରାବାସ କାର୍ଯ୍ୟକ୍ଷମ, ପାନୀୟ ଜଳ ଆଦି ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ ଏଠାରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲିବା ଜରୁରୀ ବୋଲି ଅଭିଭାବକମାନେ କହିଛନ୍ତି। ଯଦି ଏହାର କୌଣସି ବିହିତ ପଦକ୍ଷେପ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ନିଆ ନ ଯାଏ ତା'ହେଲେ ଅଭିଭାବକଗଣ ରାସ୍ତାରୋକୋ ଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ସମାଜସେବୀଙ୍କ ବିୟୋଗରେ ସ୍ମୃତିସଭା

ବାଲିଆପାଳ, ୨୨।୪(ସ୍ୱ.ପ୍ର.)

ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ବରିଷ୍ଠ ସଦସ୍ୟ ତଥା ସମାଜସେବୀ ପଦ୍ମଲୋଚନ ପିଲାଙ୍କ ବିୟୋଗରେ ପରିଷଦ କାର୍ଯ୍ୟାଳୟରେ ସୋମବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ ଅଧକ୍ଷତା କରିଥିଲେ। ସଭାରେ କଥାକାର ତଥା ଲେଖକ କୁମାର ଚକ୍ରବର୍ତ୍ତୀ, ଅବସରପ୍ରାପ୍ତ ଅଧକ୍ଷ ଡ. ବିଜୟ କୁମାର ଦେ,ଡା.ବଙ୍କିମ ଚନ୍ଦ୍ର ଜେନା, ସାମାଜିକ କର୍ମୀ ଚିତ୍ତରଞ୍ଜନ ଦାସ, ଜଗନ୍ନାଥ ପ୍ରଧାନ, ସନ୍ନ୍ୟାସୀ ବେହେରା, ପଞ୍ଚାନନ ଦାସ, କାର୍ତ୍ତିକ ରାଉତ, ଅଜୟ ପାତ୍ର, ଶମ୍ଭୁନାଥ ଗିରି, ସୁଶାନ୍ତ ବେହେରା, ବେଣୁଧର ମଣ୍ଡଳ, ଶଙ୍କର୍ଷଣ ଦାସ, ରାମଚନ୍ଦ୍ର ମାଝିଙ୍କ ସମେତ ବରିଷ୍ଠ ନାଗରିକ ପରିଷଦର କର୍ମକର୍ତ୍ତାମାନେ ଯୋଗଦେଇ ସ୍ୱର୍ଗତ ପିଲାଙ୍କ ସାଙ୍ଗଠନିକ ଦକ୍ଷତା, ସମସ୍ତଙ୍କୁ ଅନାବିଳ ଭଲପାଇବା ଏବଂ ଅମାୟିକ ବ୍ୟକ୍ତିତ୍ୱ ଚିରଦିନ ସଙ୍ଗଠନ ମଧ୍ୟରେ ଜୀବିତ ରଖିବ ବୋଲି କହିବା ସହିତ ଶ୍ରଦ୍ଧାସୁମନ ଜଣାଇଥିଲେ। ପ୍ରାରମ୍ଭରେ ଦିବଙ୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କର ଫଟୋଚିତ୍ରରେ ପରିଷଦର ସଦସ୍ୟମାନେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ।

# ବିଜ୍ଞାନ ପ୍ରଚାର କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ । ।

ଗଞ୍ଜାମ,୨୨।୪(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଶୁବଳୟାଠାରେ ଥିବା ଗୋପାଳକୃଷ୍ଣ ମହାବିଦ୍ୟାଳୟ ପରିସରରେ ବିଜ୍ଞାନର ପ୍ରଚାର ଏବଂ ପ୍ରସାର ସମ୍ପର୍କିତ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଆନୁକୂଲ୍ୟ ଏବଂ ଗଣପତି ସାବତ ଫାଉଣ୍ଡେସନ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବୈଜ୍ଞାନିକ ଡ. ବିନୋଦ ଚନ୍ଦ୍ର ସାବତ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ମଳୟ କୁମାର ମିଶ୍ର, ସମ୍ମାନିତ ଅତିଥି ଗଣପତି ଫାଉଣ୍ଡେସନ ସମ୍ପାଦିକା ଡାକ୍ତର ମୀନା ଶତପଥୀ, ସତିଶ ପ୍ରସାଦ ନାୟକ, ରମ୍ଭା ବନ୍ୟପ୍ରାଣୀ ରେଞ୍ଜର ନଗେନ କୁମାର ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ସିଏଚ୍ ସୁଧାକର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇଂଲିଶ ଅଧ୍ୟାପକ ଗଜେନ୍ଦ୍ର ସେଠୀ, ୟୁକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ ପ୍ରମୁଖ ପରିଚାଳନା କରିଥିଲେ ।

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ
# ଶାଶୁ, ଶ୍ୱଶୁର, ସ୍ୱାମୀ ଅଟକ

ପୋଲସରା,୨୨।୪(ଡି.ଏନ.ଏ.)

ପୋଲସରା ଥାନା ତୁଙ୍କାପଡ଼ା ପଞ୍ଚାୟତ ବଉଦିଆପଲ୍ଲୀ ଗ୍ରାମରେ ଶନିବାର ଯୌତୁକ ପାଇଁ ବଧୂହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ବଧୂ ଜଣକ ହେଲେ ଝିଲି ନାହାକ। ଝିଅକୁ ତାଙ୍କ ଶାଶୁଘର ଲୋକ ମାଡ଼ ମାରି ହତ୍ୟା କରିଥିବା ଝିଲିଙ୍କ ସାବତ ମା' ବୁଗୁଡ଼ା ଥାନା ଭାମଶିଆଳିର ପୁଷ୍ପାଞ୍ଜଳି ନାହାକ ରବିବାର ରାତିରେ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ. ୮୯/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମୃତଦେହକୁ ତରବରିଆ ଭାବେ ଶାଶୁଘର ଲୋକେ ସତ୍କାର କରିଦେଇଥିବାରୁ ପୋଲିସ ଘଟଣାସ୍ଥଳକୁ ଯାଇ ହାଡ଼ ପାଉଁଶ ଜବତ କରିଛି। ଏଥିସହ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କୁ ଥାନାରେ ଅଟକ ରଖାଯାଇଛି।

ପ୍ରକାଶ ଯେ, ଶନିବାର ଝିଲିଙ୍କ ଦେହ ଖରାପ ଥିବା ଓ ତାଙ୍କୁ ବୁଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବାପଘର ଲୋକେ ଖବର ପାଇଥିଲେ। ତୁରନ୍ତ ଝିଲିଙ୍କ ମା', ମାମୁ, ବୁଗୁଡ଼ା ଡାକ୍ତରଖାନାକୁ ଆସିଥିଲେ। ସେଠାରେ ଶାଶୁଘର ଲୋକେ ଝିଲିଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଅଛି, କାଗଜରେ ଦସ୍ତଖତ କର ଚିକିତ୍ସା ଆରମ୍ଭ ହେବ ବୋଲି କହିଥିଲେ। କିଛି ସମୟ ପରେ ଝିଲିଙ୍କ ମୃତ୍ୟୁ ହୋଇଯାଇଥିବା ଶାଶୁଘର ଲୋକେ କହି ମୃତଦେହକୁ ତୁରନ୍ତ ଏକ ଅଟୋ ଯୋଗେ ବଉଦିଆପଲ୍ଲୀକୁ ନେଇଯାଇଥିଲେ ବୋଲି ପୁଷ୍ପାଞ୍ଜଳି ଏତଲାରେ ଦର୍ଶାଇଛନ୍ତି। ସୋମବାର ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ବଉଦିଆପଲ୍ଲୀ ଯାଇ ତଦନ୍ତ କରିବା ସହ ଝିଲିଙ୍କ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କୁ ଥାନାକୁ ଆଣି ପଚରାଉଚୁରା ଜାରି ରଖିଛନ୍ତି ।

# ଆଜିଠୁ ପଞ୍ଚ ଠାକୁରାଣୀ ଯାତ୍ରା

ବୁଗୁଡ଼ା,୨୨।୪(ଡି.ଏନ.ଏ.)

ବୁଗୁଡ଼ାରେ ଦ୍ୱିବାର୍ଷିକ ପଞ୍ଚ ଠାକୁରାଣୀ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହେବ। ଠାକୁରାଣୀ ଯାତ୍ରା ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ବୁଗୁଡ଼ାବାସୀଙ୍କ ସହଯୋଗରେ ଏହି ଯାତ୍ରା ଚାଲିବ। ପଞ୍ଚ ଠାକୁରାଣୀ ଯାତ୍ରା ସକାଶେ ବଳଦେବ ସ୍ୱାମୀ ମନ୍ଦିର ଏବଂ ବିରଞ୍ଚି ନାରାୟଣ ମନ୍ଦିର ମଧ୍ୟଭାଗ ସ୍ଥଳରେ ଏକ ସୁଦୃଶ୍ୟ ପୂଜା ମଣ୍ଡପ କରାଯାଇଛି । ସୋମବାର ସନ୍ଧ୍ୟାରେ ତୁଙ୍କାପଡ଼ା ମା' ମାଉଁଦେଇଙ୍କୁ ନିମନ୍ତ୍ରଣ ନିମନ୍ତେ ଭକ୍ତମାନେ ବାଦ୍ୟବାଜଣା ସହ ଯାଇଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମଙ୍ଗଳବାର ନିଜ ନିଜ ମନ୍ଦିରରୁ ମା' ମାଉଁଦେଇ, ମା' ବ୍ୟାଘ୍ରଦେବୀ, ମା' ନାରାୟଣୀ, ମା' ମାଳିଖୋଲା ଓ ବୁଢ଼ୀ ଠାକୁରାଣୀ ମନ୍ଦିରରୁ ମା' ବୁଢ଼ୀ ଠାକୁରାଣୀଙ୍କୁ ଶୋଭାଯାତ୍ରାରେ ଅଣାଯାଇ ବ୍ୟାଘ୍ରଦେବୀ ମନ୍ଦିର ମଣ୍ଡପରେ ଉପବେଶନ କରାଯିବ। ସେଠାରେ ଘୃତଯଜ୍ଞ, ପୂଜାପାଠ ଓ ଭୋଗ ଲାଗି କରାଯିବ। ସନ୍ଧ୍ୟା ୭ଟାରେ ବ୍ୟାଘ୍ରଦେବୀ ମନ୍ଦିରରୁ ମିଳିତ ଭାବେ ପଞ୍ଚ ଠାକୁରାଣୀଙ୍କୁ ବାଦ୍ୟବାଜଣା ଓ ବାଣ ପଟୁଆର ମଧ୍ୟରେ ସହର ପରିକ୍ରମା କରାଯିବ। ପରେ ଦେବୀମାନଙ୍କୁ ଯାତ୍ରା ମଣ୍ଡପରେ ଉପବେଶନ କରାଯିବ। ମଙ୍ଗଳଠାରୁ ଗୁରୁବାର ତିନିଦିନ ବିଶ୍ରାମ ପରେ ଶୁକ୍ରବାରଠାରୁ ପ୍ରତ୍ୟେକ ସନ୍ଧ୍ୟାରେ କାର୍ଯ୍ୟସୂଚୀ ଅନୁଯାୟୀ ମା'ଙ୍କ ଘଟ ପରିକ୍ରମା କରାଯିବ।

## ବାଇକ୍‌କୁ ପିଟିଲା ଡମ୍ପର : ଯୁବକ ମୃତ

ରୂପ୍‌ସା, ୨୨।୪(ଡି.ଏନ.ଏ.)

ବାଲେଶ୍ୱର ୬୦ନଂ ଜାତୀୟ ରାଜପଥର ରୂପ୍‌ସା ଓ ହଳଦୀପଦା ମଝିରେ ଥିବା ପେଟ୍ରୋଲ ପମ୍ପ ନିକଟ ଡାଇଭର୍ସନଠାରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଆରୋହୀଙ୍କୁ ଏକ ଡମ୍ପର ଧକ୍କା ଦେବାରୁ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ରୂପ୍‌ସା ଥାନା ପୋଡ଼ାଡ଼ିହା ଗ୍ରାମର ବାବୁ ବେହେରା (୩୨)। ସେ ପେଟ୍ରୋଲ ଟାଙ୍କିକୁ ବାଇକ୍‌ରେ ତେଲ ପକାଇବା ପାଇଁ ଯାଇଥିଲେ। ଡାଇଭର୍ଶନଠାରେ ଦ୍ରୁତ ଗତିରେ ବେପରୁଆ ଗାଡ଼ି ଚାଳନା କରି ଯାଉଥିବା ଏକ ଡମ୍ପର (ନଂ.ଓଆର୍୧୬ବି-୨୯୬୭) ତାଙ୍କୁ ଧକ୍କା ଦେଇଥିଲା।

# ରାମ ଚରିତ ମାନସ ଉଦ୍‌ଯାପିତ



ପ୍ରବଚନ କାର୍ଯ୍ୟକ୍ରମ ।

ଗଞ୍ଜାମ,୨୨।୪(ଡି.ଏନ.ଏ.)

ଗଞ୍ଜାମ ବଡ଼ବଜାରସ୍ଥିତ ଲଛମନ ବାଲାଜୀ ମନ୍ଦିରରେ ରାମ ନବମୀଠାରୁ ଆରମ୍ଭ ହୋଇଥିବା ନବାହ୍ନ ପାରାୟଣ ଏବଂ ରାମ ଚରିତ ମାନସ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀରେ ପୂର୍ଣ୍ଣାହୁତି ଯଜ୍ଞ ହୋଇଥିଲା । କର୍ତ୍ତା ଭାବେ ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାଗିଜି ଯୋଗ ଦେଇଥିଲେ। ବଡ଼ବଜାର ରାମାୟଣ ପ୍ରଚାର ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାସ ମହାରାଜ ପ୍ରଶାନ୍ତ କୁମାର ତ୍ରିପାଠୀ, ଧାରକ ସୁବାସ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ୯ ଦିନ ପରିପାରାୟଣ କରିଥିଲେ । ଭଗବତ ଭାସ୍କର ପ୍ରାପ୍ତ ପ୍ରବଚକ ଜଗନ୍ନାଥ ପଣ୍ଡା, ବିଶିଷ୍ଟ ପାଲା ଗାୟକ କୁଞ୍ଜ ବିହାରୀ ଦାସ (ଏରେଣ୍ଡ୍ରା) ରାମ କଥା ଶୁଣାଇଥିଲେ । ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ବାଗିଜି, ମନୋଜ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଝଡ଼ବର୍ଷା ଧୋଇନେଲା ଉଡ଼ା ପର୍ବ

ଔପଦା, ୨୨।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ନିକଟସ୍ଥ ନରମା ଗ୍ରାମ ଦେବୀ ବାସୁଳୀ ପୀଠରେ ପାଳିତ ହେଉଥିବା ଉଡ଼ାପର୍ବ ରବିବାର ସନ୍ଧ୍ୟାରେ କାଳବୈଶାଖୀ ଝଡ଼ବର୍ଷା ଏକପ୍ରକାର ଫିକା ପଡ଼ି ଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ବହୁ ବିଳମ୍ବରେ ରାତି ୮ଟାରେ ଆରମ୍ଭ ହୋଇଥିଲା। ସେତେବେଳକୁ ସବୁ ଛୋଟବଡ଼ ଉଠାଦୋକାନୀ ଓ ଖୁବ୍ କମ୍ ସଂଖ୍ୟକ ଲୋକେ ଉପସ୍ଥିତ ଥିଲେ। ତଥାପି ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପାରମ୍ପରିକ ଭାବେ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୭ଜଣ ପାଟୁଆ ଉଡ଼ା ଖମ୍ବସ୍ତ ବାହାଲରେ ଉଡ଼ିଥିଲେ। ଆତସବାଜି, ବାଣ, ରୋଷଣୀ ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ପାଟୁଆମାନେ ଦେବୀଙ୍କ ସ୍ତୁତି ବନ୍ଦନା କରି ଉଡ଼ିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଗ୍ରାମ କମିଟି ତରଫରୁ ହରିହର କର, ବିଷ୍ଣୁମୋହନ ଦଳେଇ, ଭାଗବତ ସେଠୀ ପ୍ରମୁଖ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବନ୍ତ, ୨୨।୪ (ସ୍ୱ.ପ୍ର.) : ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ହଳଦୀ ପହଣୀ ମୌଜାର ବିଲ ମଝିରେ ଥିବା ଏକ ଆମ୍ବ ଗଛରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ସୋମବାର ମଧ୍ୟାହ୍ନରେ ଉଦ୍ଧାର କରିଛି। ମୃତଦେହ ମହାନ୍ତିପଡା ଗ୍ରାମର ଅଜୟ ମହାରଣାଙ୍କ ସ୍ତ୍ରୀ ଶକୁନ୍ତଳାଙ୍କର ହୋଇଥିବା ଚିହ୍ନଟ ହୋଇଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ. ୭/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସୂଚନା ଅନୁସାରେ, ମହାନ୍ତିପଡ଼ା ଗ୍ରାମର ଅଜୟ ୨୦ବର୍ଷ ତଳେ ବାଲେଶ୍ୱର ଜିଲା ଖଇରା ଥାନା ଅନ୍ତର୍ଗତ ବଡକମାରୀ ଗ୍ରାମର ଅର୍ଜୁନ ବେହେରାଙ୍କ ଝିଅ ଶକୁନ୍ତଳା(୪୨)ଙ୍କୁ ବିବାହ କରିଥିଲେ। ଶକୁନ୍ତଳା ଗତ ରବିବାର ସକାଳେ ବାପଘର ବଡକମାରୀ ଗ୍ରାମକୁ ଯାଇଥିଲେ। ସେଠାରେ କିଛି ସମୟ ରହିବା ପରେ ସେ ଶାଶୁଘରକୁ ଫେରିଥିଲେ ହେଁ ସନ୍ଧ୍ୟା ସୁଦ୍ଧା ପହଞ୍ଚି ନ ଥିଲେ। ବହୁ ଖୋଜାଖୋଜି ପରେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସୋମବାର ମଧ୍ୟାହ୍ନରେ ବିଲ ମଝିରେ ଆମ୍ବଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ଏନେଇ ଶକୁନ୍ତଳାଙ୍କ ଭାଇ ଅଭିମନ୍ୟୁ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ୪ ବଖରା ଜଳିଗଲା

ଭଣ୍ଡାରିପୋଖରୀ, ୨୨।୪ (ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ଗ୍ରାମରେ ସୋମବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୨ ପରିବାରଙ୍କ ୪ ବଖରା ଘର ଜଳିଯାଇଛି। ଗ୍ରାମର ସୁରେନ୍ଦ୍ର ରାଉତ ଓ ବିଶ୍ୱନାଥ ରାଉତଙ୍କ ୨ ବଖରା ଲେଖାଏ ପୋଡ଼ିଯାଇଛି। ସେମାନଙ୍କ ଘରର ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସୁରେନ୍ଦ୍ର ଆହତ ହୋଇଛନ୍ତି। ଚୁଲି ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

### ମୋବାଇଲ ଟାୱାରରୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ତିହିଡ଼ି, ୨୨।୪ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ସୟା ପଞ୍ଚାୟତ ବାଉଁଶବାଗ ଗ୍ରାମର ଜଣେ ଯୁବକ ସୋମବାର ପୂର୍ବାହ୍ନରେ ମୋବାଇଲ ଟାୱାରରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଧନଞ୍ଜୟ ସାହୁ(୨୦)। ପାରିବାରିକ କଳହକୁ ନେଇ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ତିହିଡ଼ି ଥାନା ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା(ନଂ.୧୫/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସଂଯୁକ୍ତା ସମସ୍ତଙ୍କ ପାଇଁ ଆଦର୍ଶ ହୋଇ ରହିବେ



ଫୁଲବାଣୀ ଅଫିସ, ୨୨।୪ : ନିର୍ବାଚନ କାର୍ଯ୍ୟରେ ଯାଇ ମାଓବାଦୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ସଂଯୁକ୍ତା ଦିଗାଲଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଗୋପବନ୍ଧୁ ଛକରେ ଅନୁଷ୍ଠିତ ହୋଇଯାଇଛି। ମାଦିକୁନ୍ଦା ଛକରୁ ଏକ ଶୋଭାଯାତ୍ରାରେ ଜିଲାରେ କାର୍ଯ୍ୟରତ ଜିଆରଏସ ଏବଂ ଅନ୍ୟ ପଞ୍ଚାୟତସ୍ତରର କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ପାଖରେ ପହଞ୍ଚିଥିଲେ। ସେଠାରେ ମହିଳା କର୍ମଚାରୀଙ୍କୁ ମାଓବାଦୀ ଅଞ୍ଚଳରେ ଡ୍ୟୁଟି ପକାଇବାକୁ ସମସ୍ତେ ନାପସନ୍ଦ କରିଥିଲେ। ପ୍ରଥମେ ସମସ୍ତେ ସଂଯୁକ୍ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସଭା ଆରମ୍ଭ ହୋଇଥିଲା। ସଂଯୁକ୍ତା ଜଣେ କର୍ତ୍ତବ୍ୟ ପରାୟଣ କର୍ମଚାରୀ ଥିଲେ। ସେ ଗର୍ଭବତୀ ଥିବା ସତ୍ତ୍ୱେ ନିର୍ବାଚନ କାର୍ଯ୍ୟ କରିବାକୁ ମନା କରି ନ ଥିଲେ। ସଂଯୁକ୍ତା ସବୁ ବେଳେ ସମସ୍ତଙ୍କ ମନରେ ରହିବେ ଏବଂ ସେ ସମସ୍ତଙ୍କ ପାଇଁ ଆଦର୍ଶ ବୋଲି ସହକର୍ମୀ ତଥା କର୍ମଚାରୀମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଆରଏସ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଆରଏସମାନଙ୍କ ସାମାଜିକ ସୁରକ୍ଷା, ସେମାନଙ୍କ ବିଭିନ୍ନ ଦାବି ଉପରେ ଏଥିରେ ଉଲ୍ଲେଖ କରାଯାଇଛି। ସଂଘ ସଭାପତି ନଳିନୀ ସାହୁ, ପୁଷ୍ପଲତା ସାହୁ, କବିତା ପାତ୍ର, ପଦ୍ମଚରଣ ମହାନ୍ତି, ବ୍ରଜ ପଟ୍ଟନାୟକ, ମାମୁନି ରଥ,ଦୁର୍ଗାଚରଣ ସାହୁ ଓ ଅଞ୍ଜଳି ନାୟକ ପ୍ରମୁଖ ପରିଚାଳନା କରିଥିଲେ।

■ ଖରାଦିନ ପାଇଁ ପ୍ରସ୍ତୁତି ବୈଠକ

# ଅଂଶୁଘାତରୁ ରକ୍ଷା ଲାଗି ପଦକ୍ଷେପ ଗ୍ରହଣ କରାଯିବ

ଫୁଲବାଣୀ ଅଫିସ, ୨୨।୪

ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଯାତ୍ରୀବାହୀ ଯାନ ଚଳାଚଳ ବନ୍ଦ ରହିବ। ଯାତ୍ରୀବାହୀ ଯାନଗୁଡ଼ିକରେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ କେହି ନେଇ ପାରିବେ ନାହିଁ। ପ୍ରତ୍ୟେକ ଯାତ୍ରୀବାହୀ ଯାନରେ ପାନୀୟ ଜଳ ଓ ଓଆର୍‌ଏସ୍ ପ୍ୟାକେଟ ସହିତ ଆଶୁ ଚିକିତ୍ସା ବ୍ୟବସ୍ଥା କରାଯିବ। ଅଂଶୁଘାତ ଜନିତ ଦୁର୍ଘଟଣା ଘଟିବାର ୧୮ ଘଣ୍ଟା ମଧ୍ୟରେ ଉପଖଣ୍ଡ ଏବଂ ଜିଲା କାର୍ଯ୍ୟାଳୟକୁ ଜଣାଇବାକୁ ପଡିବ। ତହସିଲଦାରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଚିକିତ୍ସା ଅଧିକାରୀଙ୍କୁ ନେଇ ଯୁଗ୍ମ ତଦନ୍ତ ରିପୋର୍ଟ ୩ ଦିନ ମଧ୍ୟରେ ଜିଲାପାଳ ଏବଂ ସରକାରଙ୍କ ଅବଗତି ନିମନ୍ତେ ଉପଯୁକ୍ତ ଫର୍ମାଟରେ ପ୍ରେରଣ କରାଯିବ। ଅଂଶୁଘାତ ଜନିତ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ସୋମବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଜିଲାପାଳ ଡା.ବୃନ୍ଦା ଡି ବୈଠକରେ ଅଧ୍ୟକ୍ଷତା କରି ଅଂଶୁଘାତ ଜନିତ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ବିହିତ ପଦକ୍ଷେପ ନେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିବା ସହ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍, ସାଲାଇନ୍, ଜୀବନ ରକ୍ଷାକାରୀ ଔଷଧ ମହଜୁଦ କରି ରଖିବା ସହିତ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଚରାବୁଲା କରୁଥିବା ପ୍ରାଣୀମାନଙ୍କ ପାଇଁ ନୂତନ ପାଣି କୁଣ୍ଡ ନିର୍ମାଣ କରିବା, ଅଚଳ ପାଣି କୁଣ୍ଡଗୁଡ଼ିକୁ ମରାମତି କରିବା, ଜିଲାର ସମସ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଜୀବନ ରକ୍ଷାକାରୀ ଔଷଧ ମହଜୁଦ ରଖିବାକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ କୁହାଯାଇଛି।

ଜଳାଭାବ ସମସ୍ୟା ଦୂରୀକରଣ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସର୍ବସାଧାରଣ ସ୍ଥାନ, ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଥିବା ନଳକୂପ ଓ ପାଇପ୍ ଜଳଯୋଗାଣ ବ୍ୟବସ୍ଥାର ତୁରନ୍ତ ମରାମତି କରିବା ସହିତ ଆବଶ୍ୟକ ସ୍ଥଳେ ନୂତନ ନଳକୂପ ଖୋଳିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପାନୀୟ ଜଳ ସୁବିଧା ନ ଥିବା ସ୍ଥାନମାନଙ୍କରେ ଟ୍ୟାଙ୍କର ସାହାଯ୍ୟରେ ଜଳ ଯୋଗାଇବା, ଜଳଛତ୍ର ସ୍ଥାପନ, ଷ୍ଟାଣ୍ଡ ପୋଷ୍ଟଗୁଡ଼ିକର ଆବଶ୍ୟକ ମରାମତି କରିବା ଏବଂ ବିଦ୍ୟୁତ ନ ଥିବା ସମୟରେ ମଧ୍ୟ ନିରବଚ୍ଛିନ୍ନ ଜଳଯୋଗାଣର ସୁବ୍ୟବସ୍ଥିତ କରିବାକୁ ଜନସ୍ୱାସ୍ଥ୍ୟ ବିଭାଗ ଉପଖଣ୍ଡ ଅଧିକାରୀ, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକରେ ନିରୀକ୍ଷଣ ସ୍କ୍ୱାଡ୍ ଗଠନ କରିବାକୁ ମଧ୍ୟ ସମ୍ପୃକ୍ତ ଅଧିକାରୀମାନଙ୍କୁ କୁହାଯାଇଛି।

ଜିଲାର ପ୍ରତ୍ୟେକ ବସ୍‌ଷ୍ଟାଣ୍ଡ, ହାଟ ଏବଂ ଜନଗହଳି ସ୍ଥାନମାନଙ୍କରେ ସ୍ଥାନୀୟ ସରପଞ୍ଚମାନଙ୍କ ସହାୟତାରେ ଜଳଛତ୍ର ଖୋଲିବା, ନିର୍ମାଣ ଶ୍ରମିକ କିମ୍ବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା, କାର୍ଯ୍ୟ କ୍ଷେତ୍ରରେ ବିଶୁଦ୍ଧ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ୍ ଏବଂ ଆଶୁ ଚିକିତ୍ସା ପାଇଁ ଔଷଧ ବ୍ୟବସ୍ଥା କରିବାକୁ ବିଡିଓମାନଙ୍କୁ କୁହାଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ର ସକାଳ ୬.୩୦ରେ ଖୋଲି ୯.୩୦ରେ ବନ୍ଦ କରିବା ଏବଂ ସକାଳ ୯ ଟା ସୁଦ୍ଧା ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥା କରିବା ଦିଗରେ ପଦକ୍ଷେପ ନେବାକୁ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, କନ୍ଧମାଳ ଉପ ଜିଲାପାଳ ସୁଚାରୁ କୁମାର ବଳ, ବାଲିଗୁଡ଼ା ଉପ ଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭୌସାହେବ, ଆପଦକାଳୀନ ଅଧିକାରୀ ଇଂ. ପ୍ରଦ୍ୟୁମ୍ନ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାସ୍ତରୀୟ ଅଧିକାରୀ।

### ଭାଜପା ପ୍ରାର୍ଥୀ ନୀଳମଣିଙ୍କ ନାମରେ ଆଉ ୨ ମାମଲା

ସୋରଡ଼ା, ୨୨।୪ (ଡି.ଏନ୍.ଏ.)

ସୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ବେଳେ ସୋରଡ଼ା ବ୍ଲକର ରେଣ୍ଟି ବୁଥ୍‌ରେ ଇଭିଏମ୍ ଭାଙ୍ଗିବା ଅଭିଯୋଗରେ ଗିରଫ ହୋଇଛନ୍ତି। ବର୍ତ୍ତମାନ ନୀଳମଣି ସୋରଡ଼ା ସବ୍‌ଜେଲ୍‌ରେ ରହିଛନ୍ତି। ତେବେ ଭୋଟରଙ୍କୁ ଧମକ ଦେବା ଓ ଏସସି,ଏସଟି ଆକ୍ଟରେ ଶନିବାର ତାଙ୍କ ନାଁରେ ପୁଣି ଆଉ ୨ଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ନୀଳମଣିଙ୍କ ଓକିଲ ପ୍ରଦୀପ ଶେଖର ପାଳ, ଶିବ ପ୍ରସାଦ ବାହାନିପତିଙ୍କ ସୂଚନାପ୍ରକାରେ, ଇଭିଏମ୍ ଭଙ୍ଗାକୁ ନେଇ ଜିଆର୍ ନଂ.୧୩୩/୧୯ରେ ମାମଲା ରୁଜୁ ହୋଇଥିବା ବେଳେ ଜିଆର୍ ୪/୧୯ରେ ଏସ୍‌ସି, ଏସ୍‌ଟି ଆକ୍ଟ ଏବଂ ୧୩୫/୧୯ରେ ଧମକ ଦେବା ଉପରେ ମାମଲା ରହିଛି। ୨ଟି କେସ୍ ସୋରଡ଼ା କୋର୍ଟରେ ପଞ୍ଜୀକରଣ ହୋଇଥିବା ବେଳେ ଜିଆର୍ ୪/୧୯ଟି ଭଞ୍ଜନଗର ଏଡ଼ିଜେରେ ପଞ୍ଜୀକରଣ ହୋଇଛି ବୋଲି ପାଳ ସୂଚନା ଦେଇଛନ୍ତି।

## ନିଖୋଜ ଜିଆର୍‌ଏସ୍‌ଙ୍କ ପରିବାରକୁ ନ୍ୟାୟ ଦାବିରେ ଧାରଣା

ଫୁଲବାଣୀ ଅଫିସ, ୨୨।୪

ଚଳିତ ସାଧାରଣ ନିର୍ବାଚନରେ ଜିଆରଏସ୍ ସଂଯୁକ୍ତା ଦିଗାଲଙ୍କ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଯେପରି ଚାଞ୍ଚଲ୍ୟ ଖେଳାଇ ଦେଇଛି ସେହିପରି ୨୦୧୪ ସାଧାରଣ ନିର୍ବାଚନ କାର୍ଯ୍ୟରେ ଯାଇ ଘରକୁ ଫେରି ନ ଥିବା ଜିଆରଏସ୍ ମମତା ନାୟକଙ୍କ ଘଟଣା ମଧ ଜିଲାରେ ଲୋକଙ୍କ ମନରେ ତାଜା ହୋଇ ରହିଛି। ନା ମମତା ଘରକୁ ଫେରୁଛନ୍ତି, ନା କେହି ଏ ଦିଗରେ ପଦକ୍ଷେପ ନେଉଛନ୍ତି। ପ୍ରଥମେ ପୋଲିସ, ଏହାପରେ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାହା ଶେଷ ହୋଇନାହିଁ। ଫଳରେ ମମତାଙ୍କ ପରିବାର ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ପରିବାରକୁ ତୁରନ୍ତ ନ୍ୟାୟ ଦାବିରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ମହିଳା ସଂଗଠନ ପକ୍ଷରୁ ଧାରଣା ଦିଆଯାଇଛି। ମାମଲାର ତଦନ୍ତ ତ୍ୱରାନ୍ୱିତ କରି ମମତାଙ୍କୁ ଖୋଜିବା, ତାଙ୍କ ନିଖୋଜ ପଛରେ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା, ତଦନ୍ତରେ ଅବହେଳା କରିଥିବା ପୋଲିସ୍ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନିୟମ ଅନୁଯାୟୀ ମମତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ସଂଗଠନ ସଦସ୍ୟ ଏବଂ ଅନ୍ୟମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଦାବିପତ୍ର ଭାରତ ସରକାରଙ୍କ ମୁଖ୍ୟ ନିର୍ବାଚନ କମିଶନ, ରାଜ୍ୟ ସରକାରଙ୍କ ମୁଖ୍ୟ ନିର୍ବାଚନ ଅଧିକାରୀ, ରାଜ୍ୟପାଳ ଓ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଧାରଣାରେ ମମତାଙ୍କ ବିଧବା ମା ପ୍ରଭାସିନୀ, ପ୍ରମୋଦ କୁମାର ନାୟକ, ଲଳିତ କୁମାର ମଲ୍ଲିକ, ଜଳନ୍ଧର ବେହେରା, ମଧୁସ୍ମିତା କାଟେ, ମାମି ନାୟକ, ତ୍ରିନାଥ ମାଝି, ଦମୟନ୍ତୀ ଦେହୁରୀ ଓ ଅଯୋଧ୍ୟା ଦିଗାଲଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

ସୂଚନାଯୋଗ୍ୟ ୨୦୧୪ ସାଧାରଣ ନିର୍ବାଚନରେ ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତର ଜିଆରଏସ୍ ମମତା ନାୟକଙ୍କର ଡ୍ୟୁଟି ପଡିଥିଲା। ତତ୍କାଳୀନ ବିଡିଓ ସୁବଳୟା ବୁଥରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମମତା ନିର୍ବାଚନ କାମରେ ଯାଇ ଘରକୁ ଫେରି ନ ଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ସହ ଜିଲାପାଳ, ଏସ୍‌ପି, ନିର୍ବାଚନ କମିଶନ, ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଛି।



ମହିଳା ଓ ଅନ୍ୟମାନେ ଧାରଣାରେ ବସିଛନ୍ତି।

### ଠେଙ୍ଗାରେ ଆକ୍ରମଣ ମାମଲା, ୨ ଭାଇ ଗିରଫ

ବୁଗୁଡ଼ା,୨୨।୪(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ମତାଝରି ଗ୍ରାମରେ ହୋଇଥିବା ଠେଙ୍ଗା ଆକ୍ରମଣ ମାମଲାରେ ବୁଗୁଡ଼ା ପୋଲିସ ସୋମବାର ୨ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମତାଝରି ଗ୍ରାମର ଅମର ପ୍ରଧାନ ଓ କଂଗ୍ରେସ ପ୍ରଧାନ। ଏନେଇ ବୁଗୁଡ଼ା ଥାନରେ ନଂ ୭୩/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ମତାଝରି ଗ୍ରାମର ଉପେନ୍ଦ୍ର ସାହୁ ଶନିବାର ରାତି ପ୍ରାୟ ୮ଟାରେ ସେହି ଗ୍ରାମର ଛାମୁଣ୍ଡିଆ ସାହିକୁ ଯାଇ ସେଠାରେ ବଂଶୀଧର ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ପୂର୍ବ ରାଗ ଓ ଶତ୍ରୁତାରୁ ଅମର ଓ କଂଗ୍ରେସ ଦୁଇ ଭାଇ ହଠାତ୍ ଆସି ଉପେନ୍ଦ୍ର ସାହୁଙ୍କୁ ଗାଳିଗୁଲଜ ସହ ଠେଙ୍ଗାରେ ଆକ୍ରମଣ କରି ମୁଣ୍ଡଫଟାଇ ଦେଇଥିଲେ। ଉପେନ୍ଦ୍ରଙ୍କ ମା’, ବାପା ଓ ସ୍ତ୍ରୀ ଆସି ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ମଧ ଅମର ଓ କଂଗ୍ରେସ ପିଟାପିଟି କରିଥିଲେ। ଏନେଇ ଉପେନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ।

■ ପାଇପଲାଇନ ପାଇଁ ଖୋଳାଗଲା ରାସ୍ତା

## ଅର୍ଦ୍ଧନିର୍ମିତ ରହିଥିବାରୁ ଲୋକେ ହଟହଟା

ଜି.ଉଦୟଗିରି,୨୨।୪(ଡି.ଏନ.ଏ.)

ଜି.ଉଦୟଗିରି ସହରର ବଜାର ଛକଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ଅନେକ ଦିନ ହେବ ପାଇପ ଲାଇନ ପକାଇବା ପାଇଁ ରାସ୍ତାର ପାର୍ଶ୍ୱଗୁଡ଼ିକ ଖୋଳାଯାଇ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଏଥିପାଇଁ ଲକ୍ଷ୍ମୀବଜାରର ଦୋକାନ ମାଲିକଙ୍କ ସମେତ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଟି ଅନ୍ୟ ରାସ୍ତାଠାରୁ ସଂକୀର୍ଣ୍ଣ ଓ ପାଇପ୍ ପକାଇବା ଲାଗି ଖୋଳା ହୋଇଯିବାରୁ ଲୋକମାନେ ହଇରାଣ ହେଉଛନ୍ତି। ରାସ୍ତା ଗହଳି ହୋଇଗଲେ ଛୋଟ ମୋଟ ଦୁର୍ଘଟଣାମାନ ଘଟୁଛି। ରାସ୍ତାର ପାଇପ ଲାଇନ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରି ରାସ୍ତା ମରାମତି କରିବାକୁ ପୂର୍ବତନ କାଉନସିଲର ବିନୋଦ ବିହାରୀ ଦାସ ଦାବି କରିଛନ୍ତି। ଏ ସମ୍ପର୍କରେ ଜି.ଉଦୟଗିରି ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଉଦୟନାଥ ପ୍ରଧାନଙ୍କୁ ପଚାରିବାରୁ ସହରରେ ପାନୀୟ ଜଳ ଯୋଗାଣର ଉନ୍ନତୀକରଣ ଓ ନୂତନ ଟ୍ୟାଙ୍କିରୁ ପାଇପ ଯୋଗେ ପାଣି ଯୋଗାଣ ପାଇଁ ଖୋଳାଯାଇ ପାଇପ ପକାଯାଉଛି, ଶୀଘ୍ର କାମ ସମ୍ପୂର୍ଣ୍ଣ କରି ସେହି ଜନଗହଳି ରାସ୍ତାରେ ଖୋଳା ଯାଇଥିବା ସ୍ଥାନଗୁଡ଼ିକ ଠିକ୍ କରି ଦିଆଯିବ ବୋଲି ସେ କହିଥିଲେ।


ପାଇପ ଲାଇନ ପାଇଁ ଖୋଳା ଯାଇଥିବା ରାସ୍ତା।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ‘ନିନାଦ’

ଦାରିଙ୍ଗବାଡ଼ି,୨୨।୪(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ସୋମବାର ତୃତୀୟ ବାର୍ଷିକ ଉତ୍ସବ ‘ନିନାଦ’ ଅଧ୍ୟକ୍ଷ ଶିବ ସେଠୀଙ୍କ ଅଧ୍ୟକ୍ଷତାରେ ପାଳନ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜୟପାଳ ସେନାପତି, ମୁଖ୍ୟବକ୍ତା ଭାବେ ତତ୍କାଳ ବିଇଓ ପୁରେନ୍ଦ୍ର ବେହେରା, ଅନ୍ୟ ଅତିଥିଙ୍କ ମଧ୍ୟରେ ବିଡିଓ ତ୍ରିଲୋଚନ ପାତ୍ର, ଦାରିଙ୍ଗବାଡ଼ି ଶିକ୍ଷକ କଲ୍ୟାଣ ମହାସଂଘର ସମ୍ପାଦକ ବିଦେଶୀ ନାୟକ ଯୋଗଦେଇଥିଲେ। ସଭାକାର୍ଯ୍ୟକୁ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବବିତା ସେଠୀ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାସ୍କର ଚନ୍ଦ୍ର ଦାସ ବାର୍ଷିକ ବିବରଣୀ ପଠନ କରିଥିଲେ। ଗତ ୩ ବର୍ଷ ମଧ୍ୟରେ ବିଦ୍ୟାଳୟର ଶିକ୍ଷାର ବିକାଶ ହେବା ସହ ମୌଳିକ ଶିକ୍ଷା ସମେତ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବିଦ୍ୟାଳୟର ଅଧ୍ୟକ୍ଷ ଶିବ ସେଠୀ କହିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରରେ ବିଭିନ୍ନ ଅଳଙ୍କାର ସହ ଚିତ୍ରକଳା ଆଦି କରାଯାଇଥିବା ଷ୍ଟଲକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହା ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଥିଲା। ସେହିପରି ଫୁଡ ଷ୍ଟଲ ମଧ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇ ବିଭିନ୍ନ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ। କଳା ଶିକ୍ଷୟିତ୍ରୀ ମଧୁସ୍ମିତା ଦାସ, ସଙ୍ଗିତ ଶିକ୍ଷକ ବିଜୟ କୁମାର ସ୍ୱାଇଁଙ୍କ ସହାୟତାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିଲା।



ଛାତ୍ରୀ ମାନେ ନୃତ୍ୟ ପରିବେଷଣ କରୁଛନ୍ତି।

■ ନଳକୂପ ଅଛି, ପାଣି ବାହାରୁନି

# ଦୂଷିତ ପାଣିରେ ଶୋଷ ମେଣ୍ଟାଉଛନ୍ତି ଲୋକେ

ଫିରିଙ୍ଗିଆ, ୨୨।୪

ଆରମ୍ଭ ହେଲାଣି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ। ଖରା ବି ବହୁତ ଜୋରରେ ହେଲାଣି। ସବୁବେଳେ ଯେଉଁ ଡର ଲୋକଙ୍କୁ ଘାରିଥାଏ ତାହା ପୁଣି ଦେଖାଦେଇଛି। ଜିଲାର ଚାରିଆଡ଼େ ପାନୀୟ ଜଳାଭାବ। ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଡ୍ରିଣ୍ଡିରାଗାଁ ପଞ୍ଚାୟତ ସରୁକୁଇ, ସିମଝରି ଓ ଗୁଡ୍ରିଖୋଲ ଗ୍ରାମରେ ଉତ୍କଟ ହେଲାଣି ପାନୀୟ ଜଳ ସମସ୍ୟା। ଯେଉଁଠାରେ ଗୋରୁ ମଣିଷ ଏକାକାର। ପୋଖରୀ ଓ ଚୁଆ ପାଣି ଉପରେ ସମସ୍ତେ ଭରଷା କରିବାକୁ ବାଧ ହେଉଛନ୍ତି। କାରଣ ଏଠାରେ ନଳକୂପ ଥିଲେ ବି ସେଥିରୁ ପାଣି ବାହାରୁ ନାହିଁ। ଫଳରେ ଏହି ତିନୋଟି ଗ୍ରାମର ୧୨୦୦ରୁ ଊର୍ଦ୍ଧ୍ୱ ଲୋକ ଚୁଆ ଏବଂ ପୋଖରୀର ଦୂଷିତ ପାଣି ପିଇ ବଞ୍ଚୁଛନ୍ତି।

ସ୍ଥଳ ଭାଗର ପ୍ରାୟ ୪୦୦ ଫୁଟ ଉପରେ ରହିଛି ଏହି ଗ୍ରାମ। ଗ୍ରାମବାସୀଙ୍କ ଲାଗି ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଗ୍ରାମରେ ଥିବା ପୋଖରୀ, ନାଳ ଉପରେ ନିର୍ଭର କରି ଲୋକେ ଚଳୁଛନ୍ତି। ସରକାରଙ୍କ ତରଫରୁ ବହୁ ଦିନରୁ ନଳକୂପ ଖୋଳା ଯାଇଥିଲେ ମଧ୍ୟ ସେଥିରୁ ପାଣି ବାହାରୁ ନାହିଁ। ଫଳରେ ପିଇବା ପାଣିଠାରୁ ଆରମ୍ଭ କରି ଗାଧୋଇବା ଓ ଶୌଚ ଇତ୍ୟାଦି କରିବାକୁ ହେଲେ ପୋଖରୀ ନାଳ ଉପରେ ନିର୍ଭର କରୁଛନ୍ତି। ଖରାଦିନେ ପୋଖରୀ ପାଣି କମିବା ସହ ଦୂଷିତ ହୋଇଥାଏ। ଫଳରେ ଏହା ବ୍ୟବହାର ଉପଯୋଗୀ ହୋଇ ନ ଥାଏ। ମାତ୍ର ବିକଳ୍ପ ନ ଥିବାରୁ ଲୋକେ ବାଧ ହୁଅନ୍ତି ଏହାକୁ ବ୍ୟବହାର କରିବାକୁ। ଏହି ପାଣି ବ୍ୟବହାର କରିବା ଦ୍ୱାରା ଅନେକ ସମୟରେ ବିଭିନ୍ନ ସଂକ୍ରାମକ ରୋଗର ଶିକାର ହେଉଛନ୍ତି। ଗ୍ରାମଟି ବହୁ ଉଚ୍ଚରେ ଥିବାରୁ ସରକାରଙ୍କ ସୁବିଧା ଏଠାରେ ପହଞ୍ଚି ପାରୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାର ପ୍ରତି ଗ୍ରାମକୁ ରାସ୍ତା, ବିଜୁଳି ଓ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହି ଗ୍ରାମବାସୀ ପାଇପ ଯୋଗେ ପାନୀୟ ଜଳ ପାଇପାରି ନାହାନ୍ତି। ଗ୍ରାମବାସୀ କହି କହି ଥକି ଗଲେଣି ହେଲେ କିଛି ଲାଭ ହେଉନି। କେବଳ ପ୍ରତିଶ୍ରୁତିକୁ ନେଇ ବଞ୍ଚିବାକୁ ବାଧ ହେଉଛନ୍ତି। ନିର୍ବାଚନ ଆସିଲେ ଲୋକପ୍ରତିନିଧି ଆସି ତୁମ ସମସ୍ୟା ସମାଧାନ କରିଦେବୁ ବୋଲି କହୁଛନ୍ତି। ଏଥର ମଧ ସମାନ କଥା କହିଛନ୍ତି। କିନ୍ତୁ ପରେ କାହାରି ଦେଖା ମିଳିବ ନାହିଁ ବୋଲି ଗ୍ରାମର ମହେନ୍ଦ୍ର କହଁର, ମିନା କହଁର, ଜଳନ୍ଧର କହଁର, ତୁଳାବତୀ କହଁର, କୁଣ୍ଡେଇ ମଲିକ, ଝୁନୁ କହଁର ଓ ପଦ୍ମିନୀ କହଁର ପ୍ରମୁଖ ପ୍ରକାଶ କରଛନ୍ତି। ସେହିପରି ସୁମତି କହଁର, ପବିତ୍ର କହଁର, ଅଭିରାମ କହଁର, ସିବାଜିନୀ କହଁର କହିଛନ୍ତି, ଆମେ ବାରମ୍ବାର ବିଡ଼ିଓଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ଗୁହାରି କରିଛୁ। ହେଲେ ଆମ କଥା ଶୁଣିବାକୁ କେହି ନାହାନ୍ତି। ଏ ନେଇ ଫିରିଙ୍ଗିଆ ବିଡ଼ିଓ ପ୍ରବୀଣ କୁମାର ବାଣୁଆଙ୍କୁ ପଚାରିବାରୁ ପାଣି ସମସ୍ୟା ସମାଧାନ ପାଇଁ ଆମେ ତୁରନ୍ତ ପଦକ୍ଷପ ନେବୁ ବୋଲି କହିଛନ୍ତି।


ଚୁଆ ଏବଂ ପୋଖରୀରୁ ପାଣି ସଂଗ୍ରହ କରି ମହିଳାମାନେ ଆସୁଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ଧରି ଫେରାର ଘଟଣାରେ ଯୁବକ ଗିରଫ

**କୋରାପୁଟ,୨୨।୪(ସ୍ୱ.ପ୍ର):** ନାବାଳିକାଙ୍କୁ ଧରି ଫେରାର ଘଟଣାରେ ପୋଲିସ ସୋମବାର ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକ ଜଣକ ହେଲେ କୁନ୍ଦୁରା ଥାନା ଅନ୍ତର୍ଗତ ସରଳଗୁଡ଼ା ଗ୍ରାମର ଡ଼ମ୍ବରୁଧର ଦାସ (୨୬)। ଗତ ଶନିବାର କୋରାପୁଟ ସଦର ଥାନା ଅନ୍ତର୍ଗତ ଗିରିଲିପୁଟ ଗ୍ରାମର ଜଣେ ନାବାଳିକାଙ୍କୁ ଧରି ଡ଼ମ୍ବରୁଧର ଫେରାର ହୋଇଯାଇଥିଲେ। ଏନେଇ ନାବାଳିକାଙ୍କବାପା କୋରାପୁଟ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ ୩୮/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

### ମହିଳାଙ୍କୁ ଯୌତୁକ ନିର୍ଯାତନା

**ଜୟପୁର,୨୨।୪(ଡି.ଏନ.ଏ):** କୋରାପୁଟ ଜିଲା ଜୟପୁର ସଦରଥାନା ଫୁଲବାଡ ଅଞ୍ଚଳରେ ଜଣେ ମହିଳାଙ୍କୁ ଯୌତୁକ ଏବଂ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି। ଏନେଇ ମହିଳା ଥାନାରେ ଏକ ମାମଲା(୧୩/୧୯) ରୁଜୁ ହୋଇଛି। ୨୦୧୭ ମେ ୨୧ ତାରିଖରେ ଛତିଶଗଡ ଜଗଦଲପୁର ଅଞ୍ଚଳର ଜାକିର ଅଲ୍ଲୀ (୩୦)ଙ୍କୁ ସେ ବିବାହ କରିଥିଲେ। ବିବାହର ୧୨ ଦିନ ପରେ ଅଧିକ ଯୌତୁକ ଦାବି କରି ଶାଶୁ ଘର ଲୋକେ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ଦେଢମାସ ପୂର୍ବେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଛନ୍ତି। କିନ୍ତୁ ତାଙ୍କୁ ଶାଶୁଘରକୁ ନେବାକୁ ସ୍ୱାମୀ କିମ୍ବା ଶାଶୁଘର ଲୋକେ ରାଜି ହେଉ ନାହାନ୍ତି। ଶେଷରେ ବାଧ୍ୟହୋଇ ଥାନାରେ ଅଭିଯୋଗ କରିଛନ୍ତି।

### ନିଖୋଜ ମହିଳାଙ୍କ ମୃତଦେହ କୂଅରୁ ଉଦ୍ଧାର

**ସେମିଳିଗୁଡା,୨୨।୪(ସ୍ୱ.ପ୍ର):** ସେମିଳିଗୁଡା ବ୍ଲକ ପିତାଗୁଡା ପଞ୍ଚାୟତର ଚୋରି ମାଳିପୁଟ ଗ୍ରାମର ଏକ କୂଅରୁ ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ମାଳିପୁଟ ଗ୍ରାମର ସଂଯୁକ୍ତା ନାୟକ। କିଛି ଦିନ ହେଲା ସଂଯୁକ୍ତା ତାଙ୍କର ଦୁଇ ଝିଅ ଓ ଏକ ବର୍ଷର ପୁଅକୁ ଛାଡ଼ି କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲେ। ପରେ ଏନେଇ ସେମିଳିଗୁଡା ଥାନାରେ ଅଭିଯୋଗ କରିଥିଲେ। ସୋମବାର ସକାଳେ ଗ୍ରାମର ଲୋକେ କୂଅରୁ ପାଣି ଆଣିବାକୁ ଯିବା ବେଳେ ସଂଯୁକ୍ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ସେମିଲଗୁଡା ଥାନା ଅଧିକାରୀ ସମ୍ପିତ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

### ଟ୍ରକ ଅପହରଣ ମାମଲାରେ ୨ କୋର୍ଟ ଚାଲାଣ

**ବୈପାରୀଗୁଡା,୨୨।୪ (ଡି.ଏନ୍.ଏ):** ଏକ ଅଦା ବୋଝେଇ ଟ୍ରକ ଅପହରଣ ମାମଲାରେ ବୈପାରୀଗୁଡା ପୋଲିସ ସୋମବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚନ୍ଦ୍ରପଡା ଗ୍ରାମର ରଞ୍ଜିତ୍ ଖରା ଓ ଗୁଗୁଡା ଗ୍ରାମର ସିଙ୍ଗରାମ ହରିଜନ। ପୂର୍ବରୁ ଏହି ମାମଲାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୮ ସେପ୍ଟେମ୍ବର ୧୧ ତାରିଖରେ ନନ୍ଦପୁର ଥାନା ଅନ୍ତର୍ଗତ ପାତ୍ରପୁଣ୍ଡି ଗ୍ରାମରୁ ଏକ ଅଦାବୋଝେଇ ଟ୍ରକ ଉତ୍ତର ପ୍ରଦେଶ ବାରାଣାସୀ ଅଭିମୁଖେ ଯାଉଥିଲା। ଏହି ସମୟରେ ୩ଟି ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଟ୍ରକର ପିଚ୍ଛା କରି ଲମତାପୁଟ-ଜୟପୁର ରାସ୍ତା ପେଟାଘାଟି ନିକଟରେ ଅଟକାଇଥିଲେ। ସେମାନେ ଡ୍ରାଇଭର ସମୁ ବର୍ମା ଓ ହେଲପର ଶଙ୍କର ଚନ୍ଦ୍ରକରଙ୍କୁ ମାଡ ମାରି ୪୭ ହଜାର ଟଙ୍କା ଓ ଟ୍ରକକୁ ଲୁଟି ନେଇଥିଲେ। ପୋଲିସ ତଦନ୍ତ କରି ଟ୍ରକକୁ ଉଦ୍ଧାର କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଆଜିଠୁ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ

**ସୁନାବେଡ଼ା,୨୨।୪(ଡ଼ି.ଏନ.ଏ):** ସୁନାବେଡ଼ାସ୍ଥିତ ଭି.ଏସ୍. ବିଦ୍ୟାଳୟ ପଡ଼ିଆରେ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଆୟୋଜିତ ହେବ। ଏହି ଟୁର୍ନାମେଣ୍ଟରେ ୮ଟି ସ୍କୁଲର ଛାତ୍ରମାନେ ଭାଗ ନେବେ। ଆସନ୍ତା ୧୫ ତାରିଖରେ ଏହାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

■ ଯୁବକଙ୍କୁ ହତ୍ୟା, ସ୍ତ୍ରୀ ଅଟକ

# ଅଭିଯୁକ୍ତଙ୍କ ଗିରଫ ଦାବିରେ ହୋହାଲ୍ଲା

**କୋରାପୁଟ, ୨୨।୪(ସ୍ୱ.ପ୍ର)**

କୋରାପୁଟ ଜିଲା ବିସିଂହପୁର ଥାନା ରାଣୀଗଡ ଗ୍ରାମରେ ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ଜଣଙ୍କୁ ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ପୂର୍ଣ୍ଣ ହରିଜନ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା (କେସ ନଂ ୬୦/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି। ତୁରନ୍ତ ଦୋଷୀଙ୍କୁ ଗିରଫ ଦାବି କରି ପରିବାର ଲୋକେ ଓ ଗ୍ରାମବାସୀ ମେଡ଼ିକାଲରେ ପାଟିତୁଣ୍ଡ କରିଥିଲେ। ଏପରିକି ଅଭିଯୁକ୍ତ ଗିରଫ ନ ହେବା ଯାଏ ମୃତଦେହ ବ୍ୟବଚ୍ଛେଦ କରାଇ ଦିଆଯିବ ନାହିଁ ବୋଲି ଅଡି ବସିଥିଲେ। ସୁନାବେଡା ଥାନା ଅଧିକାରୀ ସୁମିତ୍ରା ଜେନା ଓ କୋରାପୁଟ ଟାଉନ ଥାନା ଅଧିକାରୀ ବାସୁଦେବ ଛତ୍ରିଆ ମେଡିକାଲରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅନ୍ୟପକ୍ଷରେ ପୂର୍ଣ୍ଣଙ୍କୁ ତାଙ୍କ ସ୍ତ୍ରୀ ମୁକ୍ତା ଟାକ୍ରୀ ହତ୍ୟା କରିଥିବା ନେଇ ତାଙ୍କ ସାନ ଭାଇ କୃଷ୍ଣ ହରିଜନ ସୁନାବେଡା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏହି ଘଟଣାରେ ତାଙ୍କ ସ୍ତ୍ରୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। କୌଣସି କାରଣକୁ ନେଇ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମୁକ୍ତା ପୂର୍ଣ୍ଣଙ୍କୁ ଏକ ଛୁରି ଭୁସିଦେଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ସୁନାବେଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପୂର୍ଣ୍ଣଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରେ ମୁକ୍ତା ସୁନାବେଡା ଥାନାରେ ପୂର୍ଣ୍ଣ ନିଜେ ଛୁରି ଭୁସି ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପରେ ପରିବାର ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିବା ପରେ ପୋଲିସ ମୁକ୍ତାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।


ମେଡ଼ିକାଲରେ ପୋଲିସ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛି।

# ଚାଷ ଜମିରୁ ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ପଟ୍ଟାଙ୍ଗି,୨୨।୪(ଡ଼ି.ଏନ.ଏ)**

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ସାଡାମ ପଞ୍ଚାୟତ ଯୁବରାଜପେଟା ଗ୍ରାମ ନିକଟ ଏକ ଚାଷ ଜମିରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ଗୋପୀନାଥ ହନ୍ତାଳ। ତାଙ୍କୁ କେହି ହତ୍ୟା କରି ଜମିରେ ଫିଙ୍ଗି ଦେଇଥିବା ଗୋପୀନାଥଙ୍କ ସାନବାପା ମଙ୍ଗୁଡୁ ହନ୍ତାଳ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(୩୫/୧୯) ରୁଜୁ କରି ତଦନ୍ତ ଚଳାଇଛି। ରବିବାର କୌଣସି କାରଣକୁ ନେଇ ଗୋପୀନାଥଙ୍କର ପରିବାର ସଦସ୍ୟଙ୍କ ସହ ବଚସା ହୋଇଥିଲା। ଗୋପୀନାଥ ରାଗିଯାଇ ଘରୁ ବାହାରି ଚାଲିଯାଇଥିଲେ। ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ହେଲେ କୌଣସି ସନ୍ଧାନ ପାଇ ନ ଥିଲେ। କିନ୍ତୁ ସୋମବାର ସକାଳେ ଗୋପୀନାଥଙ୍କ ମୃତଦେହ ଘର ନିକଟସ୍ଥ ଚାଷ ଜମିରେ ପଡିଥିବା ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବରପାଇ ଥାନା ଏସ ଆଇ ବି.କେ. ରୟ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି।

# ଗୁରୁ ନାନକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ


ଅତିଥିଙ୍କ ଗ୍ରହଣରେ କୃତୀ ଛାତ୍ରୀଛାତ୍ର।

**କୋରାପୁଟ,୨୨।୪(ସ୍ୱ.ପ୍ର)**

ଗୁରୁ ନାନକଙ୍କ ୫୫୦ ତମ ଜୟନ୍ତୀ ଉପଲକ୍ଷେ ନନ୍ଦନିକା ଅନୁଷ୍ଠାନ ପକ୍ଷରୁ କୋରାପୁଟର ବିକାଶ ବିଦ୍ୟାଳୟରେ ସପ୍ତାହ ବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସେମିଳିଗୁଡା ଗୁରୁଦ୍ୱାର ସଦସ୍ୟା ମନଜିତ କୌର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୁରୁ ନାନକଙ୍କ ନୀତି ଓ ଆଦର୍ଶକୁ ଅନୁପ୍ରାଣିତ କଲେ ଜୀବନ ଶାନ୍ତି ଓ ସୁଖମୟ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ଖବରଦାତା ସିଏଚ ସାନ୍ତାକାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ନାନକଙ୍କ ବାଣୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନନ୍ଦନିକା ଅଧ୍ୟକ୍ଷ ସୌରଭ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତକାର୍ଯ୍ୟକ୍ରମରେ ମନିଦୀପା ଗୁପ୍ତା, ସୌମେନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ।

■ ଏମିତି ଏକ ମନ୍ଦିର

# ଭାଇ ଭଉଣୀ ଭାବେ ପୂଜା ପାଆନ୍ତି ଶିବପାର୍ବତୀ

**କୋରାପୁଟ,୨୨।୪(ସ୍ୱ.ପ୍ର)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତରେ ଏମିତି ଏକ ମନ୍ଦିର ଅଛି, ଯେଉଁଠି ଶିବ ଓ ପାର୍ବତୀ ପତିପତ୍ନୀ ଭାବେ ନୁହେଁ ଭାଇଭଉଣୀ ଭାବେ ପୂଜା ପାଇଥାନ୍ତି। କେଉଁ ଅନାଦି କାଳରୁ ଏହି ମନ୍ଦିରରେ ଶିବ ପାର୍ବତୀଙ୍କୁ ଭାଇଭଉଣୀ ଭାବେ ପୂଜାକରନ୍ତି ସ୍ଥାନୀୟ ଲୋକେ। ତେଣୁ ଏହି ମନ୍ଦିର ଭାଇ ଭଉଣୀ ମନ୍ଦିର ଭାବେ ଏହି ଅଞ୍ଚଳରେ ବେଶ୍ ପରିଚିତ। ନିଃସନ୍ତାନମାନେ ମାନସିକ ରଖି ଏଠାରେ ପୂଜାର୍ଚ୍ଚନା କଲେ ମାନସିକ ପୂରଣ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏହି ମନ୍ଦିରରେ ଆଦିବାସୀ ପୂଜକ ମନ୍ମଥ ଜାନି ଓ ପଦ୍ମଲୋଚନ ବିଷୋୟୀ ପୂଜା କାର୍ଯ୍ୟ କରିଥାନ୍ତି। ଏଠାରେ ସାଧାରଣ ବର୍ଗର ଭକ୍ତ କେବଳ ନଡିଆ ଓ କଦଳି ଭୋଗ ଲଗାଉଥିବାବେଳେ ଆଦିବାସୀମାନେ ବିଭିନ୍ନ ବଣ ଫୁଲ,ଫଳ ଭୋଗ କରିଥାନ୍ତି। ଲୋକକଥା ଅନୁଯାୟୀ, ପୂର୍ବରୁ ଏହି ମନ୍ଦିର ବଡ଼ ଥିଲା। କିନ୍ତୁ ବଜ୍ରପାତରେ ଏହା ଧୂଳିସାତ ହୋଇଯିବାରୁ ବର୍ତ୍ତମାନ ଏହି ମନ୍ଦିର ଛୋଟ ହୋଇଯାଇଛି। ଏଠାରେ ଶିବପାର୍ବତୀ ମୂର୍ତ୍ତି ସହିତ ଛୋଟ ଛୋଟ ଶିବଲିଙ୍ଗ ଆକୃତିର ପଥର ରହିଛି। ମନ୍ଦିରର ପୂଜକଙ୍କ କହିବା ଅନୁଯାୟୀ, ଶିବପାର୍ବତୀ ଭାଇ ଭଉଣୀ ଥିଲେ। ସେମାନେ ତାଙ୍କ ମାଆବାପାଙ୍କ ସହ ବରଗଛ ମୂଳରେ ଥିବା ଗୁମ୍ଫାରେ ରହୁଥିଲେ। କିନ୍ତୁ ସେତେବେଳେ ଭାଇଭଉଣୀ ସାଥି ହୋଇ ଘର କରିବାକୁ ଇଚ୍ଛା ପ୍ରକାଶ କରିବାରୁ ସେମାନଙ୍କୁ ବର୍ତ୍ତମାନ ମନ୍ଦିର ଥିବା ସ୍ଥାନକୁ ଯିବାକୁ କହି ବାପା ମାଆ ଗୁମ୍ଫାରେ ଅଲଗା ରହିଲେ। ତେବେ ଅଲଗା ଅଲଗା ହୋଇ ରହୁଥିବା ଏହି ପରିବାରକୁ ସୁରକ୍ଷା ଦେବା ପାଇଁ ମଝିରେ ବନ ଦୁର୍ଗା ରହିଥିଲେ, ଯାହାର ପ୍ରସ୍ତର ଖୋଦିତ ପ୍ରତିମୂର୍ତ୍ତି ଏବେ ମଧ୍ୟ ଭଗ୍ନ ଅବସ୍ଥାରେ। ତାହାକୁ ରାସ୍ତାକଡରେ ରଖାଯାଇ ପୂଜାର୍ଚ୍ଚନା କରାଯାଉଛି। ତେବେ ଗିର୍ଲିଗୁମ୍ମାର ବନଦୁର୍ଗା ସହିତ ଜୟପୁରର ପ୍ରସିଦ୍ଧ ଦଶହରାର ସମ୍ପର୍କ ଥିବା ସଂସ୍କୃତି ଗବେଷକ ପରେଶ ରଥ ପ୍ରକାଶ କରିଛନ୍ତି। ତାଙ୍କ ସୁଚନା ଅନୁଯାୟୀ, ବନଦୁର୍ଗାଙ୍କ ପାଖରେ ଏକ ବିଶାଳ ବାଜା ରହିଥିଲା। ଦଶହରା ବେଳକୁ ସେହି ବାଜା ବାଜୁଥିଲା। ତାର ଶବ୍ଦ ଜୟପୁର ରାଜପ୍ରାସାଦର ଉପରି ଭାଗରେ ଗମ୍ବୁଜରେ ଠିଆ ହୋଇ ଶୁଣିବା ପରେ ରାଜ ପରିବାର ପୂଜା କାର୍ଯ୍ୟ କରାଯାଉଥିଲା ବୋଲି ସେ କହିଛନ୍ତି। ରାଜା ରାଜୁଡାର ଶାସନ ପରିସମାପ୍ତି ପରେ ଗିର୍ଲିଗୁମ୍ମାର ଏହି ବନଦୁର୍ଗା ପୀଠର ସ୍ମୃତି ଇତିହାସ ଗର୍ଭରେ ବିଲୀନ ହୋଇଯାଇଛି। ସରକାରଙ୍କ ପ୍ରୋତ୍ସାହନ ରହିଲେ ଏହି ଅଞ୍ଚଳରେ ରହିଥିବା ବିଭିନ୍ନ ତଥ୍ୟ ଓ ମୂର୍ତ୍ତି ଉପରେ ଗବେଷଣା କରାଯାଇପାରିଲେ, ଏହା ପଛରେ ରହିଥିବା କିମ୍ବଦନ୍ତୀ ଉଜ୍ଜୀବିତ ହେବା ସହ ପୀଠ ସୁରକ୍ଷିତ ରହିପାରନ୍ତା ବୋଲି ବୁଦ୍ଧିଜୀବୀ ଓ ଐତିହାସିକମାନେ ମତ ଦେଇଛନ୍ତି।


ଭଉଣୀଭାଇ ମନ୍ଦିର।


ପୂଜା ପାଉଥିବା ଶିବପାର୍ବତୀ।

### ମହିଳା ଗ୍ରୁପ ସଭାନେତ୍ରୀ ଋଣ ଟଙ୍କା ନେଇ ଫେରାର

# ଥାନାର ଦ୍ୱାରସ୍ଥ ହେଲେ ସଦସ୍ୟ

**ଜୟପୁର,୨୨।୪(ଡି.ଏନ.ଏ)**

କୋରାପୁଟ ଜିଲା ଜୟପୁର କିଆଁବନ୍ଧ ସାହିର ମହିଳା ଗ୍ରୁପର ସଭାନେତ୍ରୀ ସଦସ୍ୟଙ୍କ ଋଣ ଟଙ୍କା ନେଇ ଫେରାର ହୋଇଯାଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତ ସଭାନେତ୍ରୀ ଜି. ଗୌରୀ କେତେକ ମହିଳା ଗ୍ରୁପ ଗଠନ କରିଛନ୍ତି। ପ୍ରତ୍ୟେକ ମହିଳାଙ୍କ ନାମରେ ୧୦ ହଜାର ଟଙ୍କା ଋଣ ଉଠାଯାଇଛି। ହେଲେ ସଭାନେତ୍ରୀ କେବଳ ୫ ହଜାର ଟଙ୍କା ମହିଳାମାନଙ୍କୁ ଦେଇଥିବା ବେଳେ ବାକି ୫ହଜାର ଟଙ୍କା ନେଇଥିଲେ। ଏହିପରି ବିଭିନ୍ନ ଗ୍ରୁପର ପ୍ରାୟ ୪ ଲକ୍ଷ ଟଙ୍କା ନେଇ ନେଇ ସଭାନେତ୍ରୀ ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ଫାଇନାନ୍ସ କମ୍ପାନୀ ପକ୍ଷରୁ ପ୍ରତ୍ୟେକ ୧୦ ହଜାର ଟଙ୍କାର ଋଣ ପରିଶୋଧ କରିବାକୁ ମହିଳାମାନଙ୍କ ଉପରେ ଚାପ ସୃଷ୍ଟି କରୁଥିବା ନେଇ ଅଭିଯୋଗ କରିଛନ୍ତି। ତେଣୁ ଗ୍ରୁପର ସଭାନେତ୍ରୀ ଗୌରୀଙ୍କ ବିରୋଧରେ ଲିଖିତ ଭାବେ କିଆଁବନ୍ଧ ସାହିର ମହିଳା ଗ୍ରୁପ ର ସଦସ୍ୟା ଲଳିତା ଜାନୀ, କୁନି ସିଂ, ମଞ୍ଜୁ ରାଜୁ, ବୁଢୀ ପାତ, ସତ୍ୟଭାମା ମୁଦଲୀ, ମମତା, ଉର୍ମିଳା ମାନେ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି।

■ ଗ୍ୟାସ କିଟ ବଣ୍ଟନରେ ଅନିୟମିତତା

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଉପଭୋକ୍ତା

**ସେମିଳିଗୁଡା,୨୨।୪(ସ୍ୱ.ପ୍ର)**

ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ କିଟ୍ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସେମିଳିଗୁଡା ସହରର କିଛି ଉପଭୋକ୍ତା ସୋମବାର କୋରାପୁଟ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସେମିଳିଗୁଡାର କାକିଗାଁରେ ଥିବା ପ୍ରେମଲତା ଗ୍ୟାସ ଏଜେନ୍ସିକୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ କନେକ୍ସନ ଆଣିବାକୁ ଗଲେ ସେଠାରେ ଅଣଦେଖା କରି ଫେରାଇ ଦେଉଛନ୍ତି। ପରେ ଏଜେନ୍ସିର କର୍ମଚାରୀମାନେ ଫେରିଥିବା ହିତାଧିକାରୀଙ୍କ ଘରକୁ ଆସି ଉଜ୍ଜ୍ୱଳା ଯୋଜନାରେ ଫର୍ମ ପୂରଣ କରି କିଛି ଦିନ ପରେ ଗ୍ୟାସ କିଟ୍‌କୁ ଘରେ ଆଣି ଦେଉଛନ୍ତି। ଏହି ଯୋଜନାରେ ହିତାଧିକାରୀଙ୍କୁ ମାଗଣାରେ ଗ୍ୟାସ ଯୋଗାଣ କରାଯିବା ସହ ଗ୍ୟାସ୍ କିଟର ନିର୍ଦ୍ଧାରିତ ମୂଲ୍ୟ ରହିଛି। ହେଲେ କର୍ମଚାରୀମାନେ ନିର୍ଦ୍ଧାରିତ ମୂଲ୍ୟଠାରୁ ୫ ଶହ ଟଙ୍କା ଅଧିକ ନେଉଛନ୍ତି। ପଚାରିଲେ ଏହା ଅଫିସ ଖର୍ଚ୍ଚ ବୋଲି କହୁଛନ୍ତି। ସେହିପରି ଗ୍ୟାସରେ ରହିଥିବା ସବସିଡି ଟଙ୍କା ମଧ୍ୟ ଫେରାଉ ନାହାନ୍ତି। ଏ ସମ୍ପର୍କରେ ପଚାରିଲେ ତୁମର କନେକ୍ସନ କାଟି ଦିଆଯିବ ବୋଲି ଧମକ ଦିଆଯାଉଛି। ତେଣୁ ଉକ୍ତ ଏଜେନ୍ସି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉକ୍ତ ଅଭିଯୋଗ ପତ୍ରରେ ଦାବି କରିଛନ୍ତି।

# ପିଲାଙ୍କ ଭିତରେ କଳାର ଉଦ୍‌ବେଗ ରହିଲେ ଜୀବନଶୈଳୀ ଠିକ୍ ଚାଲିବ

**ଦାମନଯୋଡ଼ି, ୨୨।୪ (ଡି.ଏନ୍.ଏ.)**

ରାଜ୍ୟସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତା ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବର ଶ୍ରମ ଦିବସରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। 'ବିବର୍ତ୍ତନଶୀଳ ନାଟ୍ୟଧାରାର ଧାରକ ଓ ବାହକ, ସମ୍ଭାବନା ଓ ବାସ୍ତବତା' ଶୀର୍ଷକରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ମତ ଦେଇଛନ୍ତି। ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଦୀପାନ୍ୱିତା ଦାସ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ବିଶିଷ୍ଟ ସିନେତାରକା ତଥା ନାଟ୍ୟ ଜଗତର ଅନ୍ୟତମ ପୁରୋଧା ଅଜିତ୍ ନାରାୟଣ ଦାସ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ପିଲାମାନେ ନାଟକର ବାହକ। ତେବେ ଗୁରୁ ଓ ପିତାମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପିଲାଙ୍କ ଭିତରେ କଳାର ଉଦ୍‌ବେଗ ରହିଲେ ତାଙ୍କ ଭବିଷ୍ୟତ ଜୀବନଶୈଳୀ ଠିକ୍ ଚାଲିବ ବୋଲି ଅତିଥିମାନେ କହିଥିଲେ। ନାଟକ ଉତ୍ସବର ବିଚାରକ ଥିବା ଡ. ନରେନ୍ଦ୍ର କୁମାର ମିଶ୍ର, ନାରାୟଣ ସାହୁ, ଗଜେନ୍ଦ୍ର ପ୍ରସାଦ ନାୟକଙ୍କ ସହିତ ନାଟ୍ୟ ଜଗତରେ ରୁଚି ରଖିଥିବା ନେତ୍ରାନନ୍ଦ ମହାରଣା, ସ୍ୱାତି ଚାଟାର୍ଜୀ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଡ. ଅଶୋକ ମହାନ୍ତି, ଭାରତୀ ସାହୁ, ବିଶ୍ୱରଞ୍ଜନ କାନୁନ୍‌ଗୋ, ଜଳେନ୍ଦ୍ର ତ୍ରିପାଠୀ, ବିଜୟ କୁମାର ଜେନା, ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଧର ପରିଡା ମଞ୍ଚ ସଂଯୋଜନା କରିଥିଲେ। ଅମେୟ ବିକ୍ରମାନନ୍ଦ ଭୂୟାଁ ଏଥିରେ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଶେଷଦେବ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବ ସଭାପତି ପି.କେ. ଦାସ, ସମ୍ପାଦକ ଶିଶିର ମିଶ୍ରଙ୍କ ସହ କର୍ମକର୍ତ୍ତା ସୁଶାନ୍ତ କର, ଚିତ୍ତରଞ୍ଜନ ଦାଶ, ମନୋଜ ମିଶ୍ର, ରମାକାନ୍ତ ମିଶ୍ର, ଅଶୋକ କର, ପି.କେ. ଶତପଥୀ, ପ୍ରେମଜିତ୍ ବୋଷ, ନିର୍ମଳ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଜଣେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

■ ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବର ୮ମ ସନ୍ଧ୍ୟା

# 'ଶ୍ରେଷ୍ଠ ଅବତାର', 'ଆମେ ସରକାର' ନାଟକ ମଞ୍ଚସ୍ଥ

**ଦାମନଯୋଡ଼ି, ୨୨।୪ (ଡି.ଏନ୍.ଏ.)**

ପଞ୍ଚଦଶ ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବର ସୋମବାର ୮ମ ସନ୍ଧ୍ୟାରେ ୨ଟି ନାଟକ ମଞ୍ଚସ୍ଥ ହୋଇଛି। ବାଲେଶ୍ୱରର କଳାକାର ନାଟ୍ୟାନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ପ୍ରଥମ ନାଟକ ଶ୍ରେଷ୍ଠ ଅବତାର। ସୁଶାନ୍ତ କୁମାର ଦାସଙ୍କ ରଚନାରେ ଡା. କୁମାର ଗୋପାଲ ନିର୍ଦ୍ଦେଶନା ଦେଇଛନ୍ତି। ନିତାନନ୍ଦ ପାତ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଉତ୍କଳୀୟ ପରମ୍ପରାରେ ଶ୍ରୀ ଜଗନ୍ନାଥଙ୍କୁ ଜଣେ ମାନବ ଆଖ୍ୟାଦେଇ ପୂଜା କରାଯାଏ। ଓଡ଼ିଆମାନେ ସରଳ ଓ ମାନବବାଦୀ। ଆଉ ତାଙ୍କର କଥା ଓ ଭାବ ଶ୍ରୀଜଗନ୍ନାଥ ବୁଝି ପାରନ୍ତି। ତେଣୁ ତାଙ୍କୁ ଓଡ଼ିଆମାନେ ମାନବୀୟ ଲୀଳାରେ ପୂଜା କରନ୍ତି। ନାଟକରେ ଜାତି,ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଶ୍ରୀଜଗନ୍ନାଥ ମାନବ ଜାତିର ଶ୍ରେଷ୍ଠ ଆରାଧ୍ୟ ଦେବତା ବୋଲି ପ୍ରମାଣ କରାଯାଇଛି। ଏଥିରେ ସୁଖେନ୍ଦୁ, ତପନ, ଡା. ଅମ୍ରିତ୍, ଶ୍ରୀତମ, ଦିପେନ୍, ଇମ୍ରାନ, କମଲ, ସରୋଜ, ଲିପ୍‌ସା, ସାଇଲକ୍ଷ୍ମୀ ଓ ଅଳଙ୍କାର ଅଭିନୟ କରିଥିଲେ। ଦ୍ୱିତୀୟ ନାଟକ ଆମେ ସରକାର ମଞ୍ଚସ୍ଥ ହୋଇଥିଲା। ରାଉରକେଲାର ପରିଚୟ ନାଟ୍ୟାନୁଷ୍ଠାନର କଳାକାର ଆର୍ତ୍ତତ୍ରାଣ ମହାପାତ୍ରଙ୍କ ରଚନାରେ ପଞ୍ଚାନନ ପାତ୍ର ନିର୍ଦ୍ଦେଶନା ଦେଇଥିଲେ। ରାଜ୍ୟରେ ୭୦ ଭାଗ ଚାଷ ଜମି ଭାଗଚାଷୀଙ୍କ ଦ୍ୱାରା ଚାଷ ହେଉଛି। ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିପୂରଣ ଭାଗଚାଷୀଙ୍କ ପାଖକୁ ଯାଉନାହିଁ। ତେଣୁ ସେମାନେ ଋଣଚିନ୍ତା ଓ ମାନସିକ ଯନ୍ତ୍ରଣାରେ ଆତ୍ମହତ୍ୟା କରୁଛନ୍ତି। ଏହା ଆମ ଦେଶରେ ବିଭିନ୍ନ ପ୍ରାନ୍ତରେ ହେଉଛି। ପରେ ସରକାର ଯୋଜନା କରି ଉର୍ବର ଜମି କର୍ପୋରେଟ ସଂସ୍ଥାକୁ ନେଇ କୃଷି ଫାର୍ମ ପାଇଁ ନିଷ୍ପତ୍ତି ନେଇଛନ୍ତି। ଜମି ମାଲିକଙ୍କୁ ଭଲ ମୂଲ୍ୟଦେଇ ଜମି କିଣାଯିବ। ଭାଗଚାଷୀ ଓ କୃଷି ଶ୍ରମିକ ଫାର୍ମରେ କାର୍ଯ୍ୟ କରିବେ। ତେବେ ଏହାଦ୍ୱାରା ପୁଞ୍ଜିପତି ଆଧୁନିକ ଯନ୍ତ୍ରପାତି ବ୍ୟବହାର କରିବେ ଏବଂ ଶ୍ରମିକଙ୍କ କମ୍ ଆବଶ୍ୟକତା ରହିବ। ସାର ଓ କୀଟନାଶକ ଦ୍ୱାରା ଜମି ଉର୍ବରତା ହରାଇବ। ତେଣୁ ଛପନ ମୌଜାର ସାମାଜିକ କର୍ମୀ ସଂଗ୍ରାମୀ ଚନ୍ଦ୍ର ମୋହନ ସାମନ୍ତରାୟ ଓ ସତ୍ୟ ପ୍ରମୁଖ ଲୋକଙ୍କୁ ବୁଝାଇଲେ। ଜମି ଅଧିଗ୍ରହଣ ବେଳେ ଆନ୍ଦୋଳନ ହୋଇ ଉଭୟ ସରକାର ଓ ଆନ୍ଦୋଳନକାରୀଙ୍କ ପକ୍ଷରୁ ମୃତାହତ ହେଉଛନ୍ତି। ଗଣ ଆନ୍ଦୋଳନ ପରେ ସରକାର ପତନ ହେଲା। ଲୋକଙ୍କ ଜମି, ଭିଟାମାଟି ସୁରକ୍ଷିତ ରହିଲା। ଏହା ନାଟକରେ ପ୍ରଦର୍ଶିତ କରାଯାଉଛି। ଏହି ନାଟକରେ ପଞ୍ଚାନନ ପାତ୍ର, ଶରତାନ୍ଦ ବରାଳ, ସୂର୍ଯ୍ୟରଶ୍ମି ଦାଶ, ଆଶୁତୋଷ ପଣ୍ଡା, ସମରେନ୍ଦ୍ର କୁମାର, ଶଙ୍କର୍ଷଣ ନାୟକ, ଶ୍ରୀତମ ବାରିକ, ରାହୁଲ ରଞ୍ଜନ ଓ ପ୍ରିୟଙ୍କା ପରିଡା ଅଭିନୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଲ୍‌କୋ ମହାପ୍ରବନ୍ଧକ ସୁଶୀଲ କୁମାର ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ନିର୍ମଳ କୁମାର ରାଉତ ମଞ୍ଚ ପରିଚାଳନା କରିଥିଲେ। ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବ କର୍ମକର୍ତ୍ତାଙ୍କ ସହ ରମେଶ ବେହେରା, ବାରିକ ନିମାଲୁ, ଏଚ୍. ଏଚ୍. ଚୌଧୁରୀ, ଟି.କେ. ଚାନ୍ଦ, ଏନ୍. ରବି କୁମାର, ଆର.କେ. କାନୁନ୍‌ଗୋ, ଏସ୍.କେ. ମିଶ୍ର, ବି.ସି. ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।


ମଞ୍ଚସ୍ଥ ଏକ ନାଟକର ଦୃଶ୍ୟ।

